ସ୍ଥିତିପ୍ରଜ୍ଞା କଲେଜର ମୁଖପତ୍ର

# ଖାରବେଳ

## ସଫଳତାର ୧୦ ବର୍ଷ

'ଆମ ଶିକ୍ଷାନୁଷ୍ଠାନର ପ୍ରଜ୍ଞାଲୋକ ଅଜ୍ଞାନ ଅନ୍ଧକାରକୁ ଦୂର କରିଥାଏ'





କଲେଜର ଭୂମିପୂଜନ ଉତ୍ସବ

ସ୍ଥିତିପ୍ରଜ୍ଞା କଲେଜର ମୁଖପତ୍ର

# ଖାରବେଳ

**ମୁଖ୍ୟ ପୃଷ୍ଠପୋଷକ :**

ଶ୍ରୀ ବସନ୍ତ କୁମାର ବିହାରୀ, ଅଧକ୍ଷ

**ମୁଖ୍ୟ ସଂପାଦିକା :**

ଶ୍ରୀମତୀ ସ୍ନେହଲତା ପୃଷ୍ଟି

**ସଂପାଦନା ମଣ୍ଡଳୀ :**

ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳ

ସୁଶ୍ରୀ ପ୍ରିୟଙ୍କା ରାୟ

ଶ୍ରୀମତୀ ବନ୍ଦିତା ମିଶ୍ର

**ତଥ୍ୟ ସଂଗ୍ରାହକ :**

ଶ୍ରୀ ପ୍ରଦୀପ କୁମାର ପାତ୍ର

ଶ୍ରୀମତୀ ବିଜୟିନୀ ମିଶ୍ର

**ରୂପକାର :**

ଶ୍ରୀମତୀ ଅନୁଭା ମିଶ୍ର

**ଅଳଙ୍କରଣ ଓ ଅକ୍ଷର ସଜା :**

ରତ୍ନମୟୀ ବେହେରା

ଶ୍ରୀ ରବୀନ୍ଦ୍ର କୁମାର ପାତ୍ର


***Address :***

Infocity Road, Inside SEZ, Behind TCS Limited

Patharagadia, Bhubaneswar - 751024

**Contact :** +91 - 9437034596

**Email :** sthitiprajnacollege@gmail.com

**Web :** http://sthitiprajnacollege.com






କଲେଜର ପ୍ରାରମ୍ଭିକ ରୂପ



ସ୍ମୃତି ନୁହେଁ ଖାଲି ପାଖୁଡ଼ା ଏ ଫୁଲ
ଛୁଇଁଦେଲେ ଝରି ଯିବ
ସ୍ମୃତି ନୁହେଁ ଖାଲି ଦୁଇଟୋପା ଲୁହ
ପୋଛିଦେଲେ ଲିଭି ଯିବ
ସ୍ମୃତି ଏଇ ଆମ ମନ ଗହନରେ
ଗୋପନେ କରିଛି ଘର
ଯେଉଁ ସ୍ମୃତି ଆଜି ଆମକୁ ବାନ୍ଧିଛି
ପ୍ରଣାମ ପାଦେ ତାଙ୍କର

ସ୍ଥିତିପ୍ରଜ୍ଞା




EX PRESIDENT OF THE MANAGING COMMITEE

**LATE. KUSUMALATA MISHRA**




FOUNDER OF THE COLLEGE

**LATE. RAMAKANTA MISHRA**

# ପ୍ରତୀକ ଚିହ୍ନର କ୍ରମବିକାଶ

୧୨/୦୭/୨୦୦୯

୧୦/୦୪/୨୦୧୪

୧୨/୧୦/୨୦୧୬

୨୪/୦୮/୨୦୧୮

୧୧/୧୧/୨୦୧୮

## INCUMBENCY CHART OF THE PRINCIPALS

| SL NO | NAME | DESIGNATION | DATE OF JOINING | DATE OF RELIEVE |
|---|---|---|---|---|
| 1 | Mrs. Kalpana Pattnaik | Principal | 12/02/2009 | 13/05/2014 |
| 2 | Mr. Bidyadhar Swain | Principal I/c | 14/05/2014 | 14/07/2014 |
| 3 | Dr. Bairagi Pattanaik | Principal | 14/07/2014 | 20/06/2016 |
| 4 | **Sj.Basanta K Bihari** | Principal | 20/06/2016 | Continuing |

# ଶୁଭେଚ୍ଛା ବାର୍ତ୍ତା



*Aparajita Sarangi*
Member of Parliament
(Lok Sabha)
**Bhubaneswar, Odisha**

**Member:**
- Standing Committee on Urban Development
- Joint Committee on Offices of Profit
- Committee on Ethics

701, M.S. Flats,
Kaveri Apartment,
Dr. B.D. Marg,
New Delhi-110 001
Phone : 011-23311303
Email : mpbbsrls@gmail.com

Letter No. : MPAS/Message/2020/692

Date : 22-7-2020

## MESSAGE

I am delighted to know that the Sthitiprajna Higher Secondary School, Bhubaneswar is going to bring out its digital Mukhapatra "KHARABELA"

I convey my best wishes to the students and staff and wish the publication all success.

Aparajita Sarangi
22/7/20

N-3/77, IRC Village, Nayapalli, Bhubaneswar, Odisha-751 015, Phone: (0674) 2553988 (O)

# ଶୁଭେଚ୍ଛା ବାର୍ତ୍ତା



**ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ଭା.ରା.ସେ**
**SRI MANORANJAN PANIGRAHY, I.R.S.**
PRINCIPAL SECRETARY
ODIA LANGUAGE, LITERATURE & CULTURE DEPARTMENT
GOVT. OF ODISHA, BHUBANESWAR

Office: +91 674-2539031/2322790
Fax : +91 674-2535050
E-mail : culsecy@gmail.com

No : ..............................
Date : ୨୬.୨.୨୦୨୦

## ବାର୍ତ୍ତା

ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖପତ୍ର 'ଖାରବେଳ'ର ଡିଜିଟାଲ ସଂସ୍କରଣ ପ୍ରକାଶ ହେବାକୁ ଯାଉଥିବା ଜାଣି ମୁଁ ଆନନ୍ଦିତ ।

କୋଭିଡ୍-୧୯ ବୈଶ୍ୱିକ ମହାମାରୀର ଭୟ ପୃଥିବୀବାସୀଙ୍କୁ ଆତଙ୍କିତ କରିଥିବା ସମୟରେ ସ୍ଥିତିପ୍ରଜ୍ଞା ଭଳି ଏକ ଶିକ୍ଷାନୁଷ୍ଠାନ ରଚନାତ୍ମକ ଏବଂ ସୃଜନାତ୍ମକ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରିବା ନିଶ୍ଚୟ ସ୍ୱାଗତଯୋଗ୍ୟ ।

ବିଦ୍ୟାଳୟ ଏବଂ ଏହାର ମୁଖପତ୍ର 'ଖାରବେଳ'ର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ସମ୍ପାଦକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଏବଂ ସାଧୁବାଦ ଜଣାଉଛି ।

ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

# ଶୁଭେଚ୍ଛା ବାର୍ତ୍ତା



**ODISHA STATE HOUSING BOARD**
SACHIVALAYA MARG, BHUBANESWAR - 751 001
Phone: (0674)2393524,EPBAX:(0674)2391542,2390141 FAX:(0674)2393952
Visit us at : www. Oshb.org.

No:________/OSHB                                        Date: 27.07.2020

## MESSAGE

I am very much glad to know that Sthitiprajna Higher Secondary School, Bhubaneswar established during the year 2009 is going to publish Digital Souvenir **"KHARAVEL"** on the occasion of annual function of the school during the year 2020.

I wish all success of the Founder, Students of the school and the publication.

Priyadarshi Mishra
Sd/-
( **PRIYADARSHI MISHRA**)
Ex- M.L.A. Bhubaneswar (Uttara)
& Chairman, O.S.H.B.

# ଶୁଭେଚ୍ଛା ବାର୍ତ୍ତା





ଡ଼ଃ ପ୍ରସନ୍ନ କୁମାର ପାଟଶାଣୀ
ସାଂସଦ (ଲୋକସଭା)
Dr. Prasanna Kumar Patasani
D.Lit Utkal D.Sc (Swiss) Ph.D (Africa)
Member of Parliament (Lok Sabha)
EX-MINISTER, GOVERNMENT OF ODISHA

सत्यमेव जयते

Delhi : office/Residence
11, Mahadev Road
New Delhi - 110 001
Phone - 011-23717559

MIG - 71, Ananta Vihar
Phase-III, Pokhariput
Bhubaneswar, Odisha
Ph. : 0674-2530888

No.....................

Date ୦୪ - ୦୫ ୨୦୨୦

**ବାର୍ତ୍ତା**

ସ୍ଥିତପ୍ରଜ୍ଞ ମହାବିଦ୍ୟାଳୟ ତରଫରୁ ଖାରବେଳ ପତ୍ରିକା ଟି ପ୍ରକାଶ ପାଇଥିବା ବଡ଼ ଆନନ୍ଦର ବିଷୟ। ଏହି ମହାନ୍ ମହାବିଦ୍ୟାଳୟ ଟି ଯେଉଁ ଝିଅଟିର ନାମରେ ହୋଇଛି, ସେଇ ଝିଅର ଜନ୍ମ ସମୟରୁ ଜାଣିଚି ତାଙ୍କ ବାପା ମା କୁ। ବିଶିଷ୍ଟ କବୟିତ୍ରୀ ସ୍ନେହଲତା ପୃଷ୍ଟି ଏହାର ସମ୍ପାଦନାର ଦାୟିତ୍ୱରେ ଥିବାରୁ ମୋ ପାଇଁ ଏହା ଗର୍ବ ଓ ଗୌରବ, ଯିଏ ଅନେକ ପ୍ରତିଭାର ଅଧିକାରିଣୀ ଏଠି ପାଇଁ କି ସେ ଖୁବ୍ ସୁନ୍ଦର୍ କବିତା ଲେଖି ସାହିତ୍ୟରେ ପ୍ରତିଷ୍ଠା ପାଇଛନ୍ତି। କୋଭିଡ୍ ସମୟରେ ଗୋଟିଏ ପତ୍ରିକା ପ୍ରକାଶ କରିବା ଏକ କଠିନତମ ସାଧନା। ସାହିତ୍ୟ ଓ ସଂସ୍କୃତିକୁ ଯିଏ ଅଗ୍ରାଧିକାର ଦିଏ ତାର ଜୀବନ ମହିଆନ୍ ହୁଏ। ପ୍ରଜ୍ଞା ହେଲା ସେହି ଜ୍ଞାନ ଯାହାକୁ ଦେଖିହୁଏ ନାହିଁ ଅନୁଭବ କରିହୁଏ। ନାରୀ ଶିକ୍ଷାର ପ୍ରସାରଣ ଦିଗରେ ଏହି ମହାବିଦ୍ୟାଳୟର ମହନୀୟ ଭୂମିକା ଶିକ୍ଷା ଜଗତରେ ସବୁ ଦିନ ପାଇଁ ସ୍ମୃତିରେ ରହିବ।

ମହାବିଦ୍ୟାଳୟରେ ପାଠ ପଢୁଥିବା ପ୍ରତିଭାବତି ଝିଅ ମାନଙ୍କର ଲୁଚି ରହି ଥିବା ପ୍ରତିଭା କୁ ଏକ ନୂତନ ଦିଗନ୍ତ ଉନ୍ମୋଚନରେ ସହାୟତା ହେଉ।

**ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ**
ଅଧିବକ୍ତା, କବି, ପୂର୍ବତନ ସାଂସଦ, ଭୁବନେଶ୍ୱର

# ଶୁଭେଚ୍ଛା ବାର୍ତ୍ତା



ଡକ୍ଟର ବିଜୟାନନ୍ଦ ସିଂହ
ସଦସ୍ୟ, କାର୍ଯ୍ୟନିର୍ବାହୀ ପରିଷଦ
ଆବାହକ, ଓଡ଼ିଆ ଉପଦେଷ୍ଟା ପରିଷଦ

Dr. Bijayananda Singh
Member, Executive Board
Convenor, Odia Advisory Board

ସାହିତ୍ୟ ଅକାଦେମି
ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର
ନୂଆଦିଲ୍ଲୀ - ୧୧୦୦୦୧
Sahitya Akademi
(National Academy of Letters)
An Autonomous Organisation of Government of India, Ministry of Culture
New Delhi - 110001

୦୯ ଅଗଷ୍ଟ ୨୦୨୦

ମହାଶୟ,

ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖପତ୍ର 'ଖାରବେଳ' ପ୍ରକାଶ ପାଉଥିବାରୁ ଜାଣି ମୁଁ ଆନନ୍ଦିତ ।

ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ଶକ୍ତିର ବିକାଶପାଇଁ ପତ୍ରପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେହି ଦୃଷ୍ଟିରୁ ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁଖପତ୍ର 'ଖାରବେଳ'ର ଡିଜିଟାଲ୍ ସଂସ୍କରଣ ପ୍ରକାଶକରି ଯୁଗୋପଯୋଗୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ଏହି ସଂସ୍କରଣ ସାହିତ୍ୟ ମନସ୍କ କରାଇବା ସହ ଭାଷା-ସାହିତ୍ୟପ୍ରତି ଆଗ୍ରହ ସୃଷ୍ଟିକରାଇବାରେ ସହାୟକ ହେବ ।

ଆପଣଙ୍କ ଉଦ୍ୟମକୁ ସାଗତ କରୁଛି । ଓଡ଼ିଶାର ଐତିହ୍ୟ, ଗର୍ବ ଓ ଗୌରବର ପ୍ରତୀକ 'ଖାରବେଳ'ଙ୍କୁ ଆଦର୍ଶକରି ତରୁଣପୀଢୀ ଲେଖନୀ ଚାଳନା କରନ୍ତୁ ।

ସାହିତ୍ୟର ଜୟ ହେଉ ।

(ବିଜୟାନନ୍ଦ ସିଂହ)
ଆବାହକ, ଓଡ଼ିଆ
ସାହିତ୍ୟ ଅକାଦେମି
ନୂଆଦିଲ୍ଲୀ

ପ୍ରାପ୍ତେଷୁ,
ଶ୍ରୀଯୁକ୍ତ ଆପ୍ତକାମ ମିଶ୍ର
ସଂପାଦକ
ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ପରିଚାଳନା କମିଟି

ଜନସୁଧା ଭବନ, ଶଙ୍କରପୁର, ବାରିକ ସାହି, ଅରୁଣୋଦୟ ମାର୍କେଟ, କଟକ - ୭୫୩୦୧୨, ଓଡ଼ିଶା
Janasudha Bhavan, Shankarpur, Barik Sahi, Arunodaya Market, Cuttack - 753012, Odisha
Phone : 0671-2320499, Mobile : 9437504245, E-mail: dr.bijayanandasingh@gmail.com

# ଶୁଭେଚ୍ଛା ବାର୍ତ୍ତା



ଶ୍ରୀ ତରୁଣ କୁମାର ସାହୁ
ସଭାପତି
Sri Tarun Kumar Sahu
President

ଉତ୍କଳ ସାହିତ୍ୟ ସମାଜ
(ଓଡ଼ିଶାର ପ୍ରାଚୀନତମ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଷ୍ଠାନ)
ପ୍ରତିଷ୍ଠା : ୧୯୦୩, ପଞ୍ଜିକୃତ ସଂଖ୍ୟା : ୮୧୪/କେ/୨୨.୬.୧୯୩୫
UTKAL SAHITYA SAMAJ
Odisha's Premier Literary and Cultural Institution
Estd. 1903, Regd No. : 814/K/22.6.1935

Date : ୨୪.୦୭.୨୦୨୦

## ବାର୍ତ୍ତା ।

'ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ', ପଥରଗାଡ଼ିଆ, ଭୁବନେଶ୍ୱର ର ମୁଖପତ୍ର 'ମାଉବେଳ'ର ବାର୍ଷିକ ସଂଖ୍ୟା ପ୍ରକାଶିତ ହେବାକୁ ଯାଉଛି । ଏହା ଅତି ଆନନ୍ଦ ଦାୟକ ସମ୍ବାଦ । ବର୍ତ୍ତମାନ କେବଳ ଓଡ଼ିଶାକୁ ନୁହେଁ ସମ୍ପୂର୍ଣ୍ଣ ଭାରତ କୁହେଁ, ସମଗ୍ର ବିଶ୍ୱକୁ କୋଭିଡ୍-୧୯ ଭୂତାଣୁର ଆତଙ୍କ ଘେରି ଯାଉଛି । ପ୍ରତ୍ୟେକ ଜୀବିତ ମଣିଷକୁ ଭୟ ଗ୍ରସ୍ତ କରିଦେଇଛି ଏ ଭୂତାଣୁ । ଏପରିକି ଏହା ବିବାଦ-ପ୍ରସୂ । ଭୟ, ଅବସାଦ ଓ ନକାରାତ୍ମକ ଭାବର ବାତାବରଣ ସମସ୍ତଙ୍କୁ ଆକ୍ରାନ୍ତ କରିଛି । ଏହି ସମୟରେ କୌଣସି ଶିକ୍ଷାନୁଷ୍ଠାନ ରଚନାତ୍ମକ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରିବା ଏକ ସୁସମ୍ବାଦ ନିଶ୍ଚୟ । 'ମାଉବେଳ'ର ସମ୍ପାଦକ, ଲେଖକ ଓ ଲେଖିକାଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ଦୁର୍ଦ୍ଦିନରେ ତାଙ୍କର ସକାରାତ୍ମକ ଉଦ୍ୟମକୁ ପ୍ରଶଂସା କରୁଛି ।

ତରୁଣ କୁମାର ସାହୁ
ସଭାପତି, ଉତ୍କଳ ସାହିତ୍ୟ ସମାଜ

ଶ୍ରୀରାମଚନ୍ଦ୍ର ଭବନ, କଟକ - ୭୫୩ ୦୦୯, ଓଡ଼ିଶା, ଫୋନ୍ : ୦୬୭୧-୨୩୦୮୩୫୯ (ଅ), ୦୬୭୧-୨୩୬୮୦୦୧ (ଘ), ୯୯୩୭୫୮୩୭୬୬ (ମୋ)
Sriramchandra Bhawan, Cuttack - 753 009, Odisha, Phone : 0671-2308359 (O), 0671-2368001 (R) 9937583766 (M)
E-mail : utkalsahityasamaj@gmail.com / tarunkumarsahu1954@gmail.com

# ଶୁଭେଚ୍ଛା ବାର୍ତ୍ତା





ଶୁଭ ସନ୍ଦେଶ

[illegible]

... 'ସ୍ଥିତପ୍ରଜ୍ଞ' ... [illegible]

[illegible]

ପ୍ରାକ୍ତନ ଅଧ୍ୟକ୍ଷ

ବି.ଜେ.ବି ଜୁନିୟର କଲେଜ

# ଶୁଭେଚ୍ଛା ବାର୍ତ୍ତା

**ଗୌରହରି ଦାସ**
**ସଂପାଦକ, 'କଥା'**
**ଭୁବନେଶ୍ୱର**



ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖପତ୍ର 'ଖାରବେଳ' ପ୍ରକାଶ ପାଉଥିବା ଜାଣି ଖୁବ୍ ଖୁସି ହେଲି । ଏହି ସଂଖ୍ୟାଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମୂଲ୍ୟବାନ ଲେଖା ସହ ଛାତ୍ରଛାତ୍ରୀଙ୍କର ସୃଜନ ସମ୍ଭାରରେ ସମୃଦ୍ଧ ହେବ ବୋଲି ମୋର ଆଶା ।

ମଣିଷର ଜୀବନରେ ଯେତେ ଅବସ୍ଥା ଅଛି ତାହା ମଧ୍ୟରୁ ଶୈଶବ ଓ କୈଶୋର ସର୍ବୋତ୍ତମ ବୋଲି ମୋର ମତ । ଏହି ସମୟ ମଣିଷକୁ ପର୍ଯ୍ୟବେକ୍ଷଣ ଓ ଅନୁଶୀଳନ ସହ ନୂଆ ଅନୁଭୂତି ଅର୍ଜନର ସୁଯୋଗ ଦିଏ । ସ୍କୁଲ୍ ଜୀବନରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଯେଉଁ ପ୍ରତ୍ୟକ୍ଷ ଓ ଅନ୍ତରଙ୍ଗ ସମ୍ବନ୍ଧ ପ୍ରତିଷ୍ଠିତ ହୋଇଥାଏ ତାହା ପରବର୍ତ୍ତୀ କାଳରେ ସମ୍ଭବ ହୋଇ ନ ଥାଏ । ଶିକ୍ଷକ-ଶିକ୍ଷୟିତ୍ରୀମାନେ ତାଙ୍କର ଆଦର୍ଶ ଆଉ ମୂଲ୍ୟବୋଧର ଛାଞ୍ଚରେ ପିଲାଙ୍କୁ ଗଢ଼ନ୍ତି, ପିଲାମାନେ ଆଗ୍ରହ ଓ ଅଭିନିବେଶ ଦ୍ୱାରା ଶିକ୍ଷକ-ଶିକ୍ଷୟିତ୍ରୀଙ୍କଠାରୁ ମୂଲ୍ୟବାନ ଜ୍ଞାନ ହାସଲ କରିଥାଆନ୍ତି, ଯାହା ସେମାନଙ୍କୁ କେବଳ ସ୍କୁଲ୍ ଜୀବନରେ ନୁହେଁ ଅବଶିଷ୍ଟ ଜୀବନରେ ମଧ୍ୟ କାମରେ ଆସିଥାଏ । ସେଇ ଦୃଷ୍ଟିରୁ ପ୍ରତ୍ୟେକ ବିଦ୍ୟାଳୟ ଏକ ଏକ ଯଜ୍ଞଭୂମି ।

ମୁଖପତ୍ରଟିର ନାମ 'ଖାରବେଳ' ରହିଥିବା ଜାଣି ମୁଁ ଅଧିକ ଆନନ୍ଦିତ ହେଲି । ଦୁର୍ଭାଗ୍ୟର କଥା ଯେ ଓଡ଼ିଶାରେ ଅଶୋକଙ୍କ କଥା ଯେତେ ଚର୍ଚ୍ଚା ହୁଏ ଖାରବେଳଙ୍କ କଥା ସେତେ ହୁଏନାହିଁ । ମାତ୍ର 'ଖାରବେଳ' ହିଁ ଓଡ଼ିଆ ସ୍ୱାଭିମାନର ପ୍ରକୃତ ପ୍ରତୀକ । ସିଏ ମଗଧରାଜା ଅପହରଣ କରିନେଇଥିବା କଳିଙ୍ଗର ଆଦିଜୀନ ମୂର୍ତ୍ତିକୁ ସଗୌରବେ କଳିଙ୍ଗକୁ ଫେରାଇ ଆଣିଥିଲେ । ସମ୍ରାଟ ଖାରବେଳ ଭାରତବର୍ଷର ବିସ୍ତୀର୍ଣ୍ଣ ଅଞ୍ଚଳ ଜୟ କରି ଦିଗ୍‌ବିଜୟୀର ଆଖ୍ୟା ଲାଭ କରିଥିଲେ । ଧୂଳିବାଲିରେ ଭୂଲୁଣ୍ଠିତ କଳିଙ୍ଗର ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସକୁ ଫେରାଇ ଆଣିବା କ୍ଷେତ୍ରରେ ଖାରବେଳଙ୍କ ଅବଦାନର ପଟାନ୍ତର ନାହିଁ । ଓଡ଼ିଶାର ତରୁଣ ପିଢ଼ି ଦିଗ୍‌ବିଜୟୀ ଖାରବେଳଙ୍କ କୃତିତ୍ୱ ସହ ପରିଚିତ ହେବା ଆବଶ୍ୟକ ।

ମୁଁ ପୁଣିଥରେ 'ଖାରବେଳ'ର ସଫଳତା କାମନା କରିବା ସହ ଏଥିସହ ସଂପୃକ୍ତ ସମସ୍ତଙ୍କୁ ମୋର ଅଭିନନ୍ଦନ ଜ୍ଞାପନ କରୁଅଛି ।

# ଶୁଭେଚ୍ଛା ବାର୍ତ୍ତା

ଡ଼. ପ୍ରଭାସ ଆଚାର୍ଯ୍ୟ
ସଂପାଦକ, ସମାଜ ରିଲିଫ କମିଟି, କଟକ
ଅଧ୍ୟକ୍ଷ, ଭାରତ ଶରୀର ଓ ଅଂଗଦାନ ସମିତି



ମହଶୟ,

ଆପଣଙ୍କ ବିଦ୍ୟାଳୟର ପତ୍ରିକା **'ଖାରବେଳ'**ର ଡ଼ିଜିଟାଲି ସଂସ୍କରଣ ପ୍ରକାଶ ପାଇବାକୁ ଯାଉଥିବା ଶୁଣି ବିଶେଷ ଆନନ୍ଦିତ । ସାହିତ୍ୟ ମଣିଷର ଚିର ସାଥି ଓ ବିଶେଷ ଭାବରେ ଦୁଃଖ ଦୁର୍ଦ୍ଦଶା ବେଳେ ଏହା ସମାଜକୁ ପ୍ରବୋଧନା ଦେବା ସହ ଦିଗ ନିର୍ଦ୍ଦେଶ ଦେଇଥାଏ ।

ତେଣୁ କୋବିଡ଼ ଆତଙ୍କରେ ଦବି ନ ଯାଇ ଆପଣମାନେ ସମୟ ସହ ତାଳ ଦେଇ ଡ଼ିଜିଟାଲ ରେ ଏହା ପ୍ରକାଶ କରୁଥିବା ଓଡ଼ିଆ ସାହିତ୍ୟ ପାଇଁ ଏକ ଶୁଭ ସୂଚନା ।

ଏହି ମହନୀୟ ଉଦ୍ୟମରେ ସମସ୍ତେ ସାରଥିଙ୍କୁ ମୋର ପ୍ରଣାମ ।

# ଶୁଭେଚ୍ଛା ବାର୍ତ୍ତା



# ଭାରତୀୟ ଭାଷା ଅଭିଯାନ (ଓଡ଼ିଶା)
# भारतीय भाषा अभीयान, ओडीसा

ମା, ମାତୃଭୂମି ଓ ମାତୃଭାଷାର କୌଣସି ବିକଳ୍ପ ନାହିଁ — ଜନତାଙ୍କୁ ନ୍ୟାୟ ଜନତାଙ୍କ ଭାଷାରେ

**ପ୍ରଶାନ୍ତ ବର୍ମା**
ବରିଷ୍ଠ ଅଧିବକ୍ତା ସର୍ବୋଚ୍ଚ, ଦିଲ୍ଲୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
କ୍ଷେତ୍ରୀୟ ସଂଯୋଜକ - ଭାରତୀୟ ଭାଷା ଅଭିଯାନ

ପତ୍ର ସଂ. :
ତାରିଖ : ୧୨.୦୨.୨୦୨୦

ବାର୍ତ୍ତା

ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖପତ୍ର "ଖାରବେଳ" ର ୨୦୨୦ ଇ ପତ୍ରିକା ସଂସ୍କରଣର ପ୍ରକାଶନ ଆମ ସମସ୍ତଙ୍କ ପାଇଁ ଆଜି ଏକ ଖୁସିର ବିଷୟ। ଦୀର୍ଘ ଏକ ଦଶନ୍ଧି ରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରକାଶିତ ଏହି ପତ୍ରିକା ଆମ ସମସ୍ତଙ୍କୁ ଅନେକ ଆଶା ଓ ଉଦ୍ଦିପନା ର ସହ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇ ଆସିଛି। ସ୍ୱଦେଶୀ ଅବଲମ୍ବନ କରିବା କ୍ଷେତ୍ରରେ ଆମ ରାଜ୍ୟ ଓଡ଼ିଶା ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ସ୍ୱ ଭାଷା ତଥା ଓଡ଼ିଆ ଭାଷାର ଉତର ଉତ୍ତର ଉନ୍ନତି ପାଇଁ ଆଗାମୀ ପିଢ଼ିର ସମସ୍ତ ଛାତ୍ର, ଅଭିଭାବକ, ଶିକ୍ଷକ, ଶିକ୍ଷାବିତ୍ ଓ ନେତୃବର୍ଗ ଉପଯୁକ୍ତ ଯତ୍ନବାନ୍ ମଧ ହେବାର ଆବଶ୍ୟକତା ରହିଛି।

ଆଜି ଆମ ମାତୃଭାଷା, ଓଡ଼ିଆ ଭାଷାର ପୁରତତ୍ୱ ହେତୁ ଏହା ଏକ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷା ରୂପେ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ହୋଇଛି। ଏ ଭାଷାରେ ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନ ଗୁଡ଼ିକ କାଳଜୟୀ ଅବଶ୍ୟ ହେବେ ଯେଉଁଠି ଆମେ ସ୍ଥିତିପ୍ରଜ୍ଞା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ସ୍ଥାନକୁ ଭବିଷ୍ୟତରେ ଅବଶ୍ୟ ଦେଖି ପାରୁଛୁ।

ଛାତ୍ର ମାନେ ନିଜର ନିଜସ୍ୱ ଲେଖିବାର ଶୈଳୀ ବୃଦ୍ଧି କରିବା ସହ ଭାଷା ସାହିତ୍ୟରେ ରଚନା ଓ ବିଶେଷ କରି କବିତା ପ୍ରତି ଅଧିକ ରୁଚି ରଖିବା ମଧ ଆବଶ୍ୟକ, ସୁତରାଂ ଭବିଷ୍ୟତରେ ଯେ କୌଣସି ବି କ୍ଷେତ୍ରରେ ସେମାନେ କାର୍ଯ୍ୟ କରିବେ, ସେମାନଙ୍କର ଲେଖିବାର ଶୈଳୀ ଉଚ୍ଚ କୋଟିର ହୋଇ ସର୍ବ ଆଦୃତ ହେବା ସହ ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ସେମାନେ ଅଗ୍ରସର ହେବେ।

ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ଏମିତି ବରଷୁ ଥାଉ।

ପ୍ରଶାନ୍ତ ବର୍ମା
ପ୍ରଶାନ୍ତ ବର୍ମା
ଅଧିବକ୍ତା, ସର୍ବୋଚ୍ଚ, ଦିଲ୍ଲୀ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ
କ୍ଷେତ୍ରୀୟ ସଂଯୋଜକ, ଭାରତୀୟ ଭାଷା ଅଭିଯାନ ଓଡ଼ିଶା ଓ ପଶ୍ଚିମ ବଙ୍ଗ
୫୯୫, ସହିଦ ନଗର, ଭୁବନେଶ୍ୱର।

ରାଜ୍ୟ କାର୍ଯ୍ୟାଳୟ : ୫୯୫, ସହିଦ ନଗର, ଭୁବନେଶ୍ୱର, ଦୂରଭାଷ : ୦୬୭୪୦୬୨୧୫୫୩୧, ୯୮୧୮୦୭୬୮୨୮, ୮୬୫୮୧୦୯୨୧୫
ରାଷ୍ଟ୍ରୀୟ କାର୍ଯ୍ୟାଳୟ : ଶ୍ରୀଯୁକ୍ତ ଅତୁଲ କୋଠାରୀ, ରାଷ୍ଟ୍ରୀୟ ସଂଯୋଜକ, ଥାନ-୮, ଜଙ୍ଗପୁରା ଏକ୍ସଟେନସନ, ନୂଆଦିଲ୍ଲୀ

# ଶୁଭେଚ୍ଛା ବାର୍ତ୍ତା

***Dr. Alok Ku Rath***
*G.B. Member*



*I know Sthitiprajna higher secondary school since many years. I want to share some of my experiences here.*

*Students are mostly from poor families but with the sincere and continuous effort from the secretary and the teachers they have scored very well in the school examinations. Surrounded by nature, the students get an environment which enables them to give maximum efforts for study and extracurricular activities including sports, tree plantations and many more.*

*I have been to this school many times for health check ups. They are quite healthy as they maintain proper hygiene and diet. The teachers are excellent in their respective field. I give full credit to the management for the achievements and wish them all round development in their future endeavors.*

*Thanks and Regards,*

# ଶୁଭେଚ୍ଛା ବାର୍ତ୍ତା

***Sangita Majhi***
*Advocate, Mediator & G.B. Member*



Education is the most powerful weapon which you can use to change the world, said Nelson Mandela. It is also the weapon of growth in this rapidly changing world. This unprecedented pandemic is such a change and we need our educational institutions to help us grow beyond these changes.

Set-up 11 years ago, Sthitiprajna Higher Secondary School is one such contributor towards the growth of our society. It is my pleasure and privilege know that the institution is going to bring out its digital Mukhapatra "Kharabela", a first-of-its-kind from the institution.

In this new normal, I hope the readers will enjoy novel ideas, stories and experiences at the convenience of their homes, safely.

My heartiest commendation to the students and the staff for their efforts in this Mukhapatra. I wish them all the success in its publication and for all future endeavors.

# ଶୁଭେଚ୍ଛା ବାର୍ତ୍ତା

**Flight Lieutenant Dr. Mihir Ranjan Saran,**
Asso.Officer1(ODISHA)Air Squadron NCC (Flying).
Member of the faculty, Dept.of Physics, MCNL BBSR.



It is my immense pleasure to know that Stithiprajna Higher Secondary School is going to publish their digital magazine "KHARABELA".

With the changing scenario of the education system due to the COVID-19 Pandemic, our students are now experiencing digital work culture. With this, they are not only broadening the horizon of their knowledge but also experiencing universal brotherhood in the true sense of the phrase.

I believe this digital magazine will bring forth the creativity and innovation in the student community of our state. And I hope it engages the readers and brings them a welcome relief from the anxiety and stress of the pandemic.

Jay Hind

# ଶୁଭେଚ୍ଛା ବାର୍ତ୍ତା

**GOVINDPUR COLLEGE**
DEVI VIHAR, GOVINDPUR, CUTTACK
ODISHA, INDIA, PIN - 754003

Ph. : 0671-2854413 (OFF)
0671-2854500 (FAX)
Cell : 09437273166, 09439282622
09438140811, 09437127024
Website : www.govindpurcollege.org.in
E-mail:govindpurcollege@gmail.com



L.No. :..............................

Date :..............................

**Dr. Gagan Bihari Beura**
M.A., M. Phil., Ph. D.,LL.B, M.BA,
PRINCIPAL

August, 10, 2020

## *Message*

I am quite pleased to learn about the forthcoming issue of the college magazine, 'KHARAVELA' is going to be published by the College soon. The title amply gives expression to the educational philosophy of 'Kharvela, namely, an integral and holistic vision of Odisha rich heritage of historical culture. No doubt this creative endeavour will bring out an array of artistic and scientific expressions with distinct signatures of the students . I do appreciate and applaud the editorial team for their successful completion of this tedious yet daunting task of putting together the myriad thoughts and dreams of the College students and faculty into a meaningful and delightful visual fest called 'KHARAVELA'

I wish the Magazine all success.

(Gagan Bihari Beura)

*Enriching the higher education since ninty.*

# ଶୁଭେଚ୍ଛା ବାର୍ତ୍ତା





ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପଟିଆ, ଭୁବନେଶ୍ୱର, ପିନ୍-୭୫୧୦୩୧
(ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶାର ଅନୁବନ୍ଧିତ)
(ଓଡ଼ିଶା ସରକାରଙ୍କ ପଞ୍ଜିକୃତ ଓ ସ୍ୱୀକୃତିପ୍ରାପ୍ତ)
ପଞ୍ଜିକରଣ ନଂ - ୧୦୮୧୧୧୯୭୩୧/୧୧
ଦୂରଭାଷ : ୯୨୩୮୧୧୧୧୪୦, ୯୦୭୮୭୮୨୦୭୪

SARASWATI SHISHU VIDYA MANDIR
Patia, Bhubaneswar, PIN - 751031
Affiliated to Bharatiya Shikshya Vikash Sansthan (Odisha)
(Regd.and Recognized by the Govt.of Odisha)
Regd. No. : 1081119731/11
Phone : 9238111140, 9078782074

ମାନବ ସେବା ହିଁ ମାଧବ ସେବା

Letter No./ପତ୍ରାଙ୍କ : ୩୩୨/୨୦ Date/ ତାରିଖ : ୦୫.୦୮.୨୦୨୦

ଶୁଭ ବାର୍ତ୍ତା

ବିଶ୍ୱ ସଂସ୍କୃତି ପରିପ୍ରେକ୍ଷୀରେ ଭାରତୀୟ ସଂସ୍କୃତିର ସ୍ଥାନ ପ୍ରଥମ, ଶ୍ରେଷ୍ଠ ଓ ମର୍ଯ୍ୟାଦା ଯୁକ୍ତ। ଭାରତୀୟ ସଂସ୍କୃତି, ଆଦର୍ଶ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦେବାରେ ସ୍ଥିତପ୍ରଜ୍ଞ ମହାବିଦ୍ୟାଳୟର ସ୍ଥାନ ପ୍ରଥମ ଓ ଶ୍ରେଷ୍ଠ। ଭାରତୀୟ ସଂସ୍କୃତିର ଏକ ବିଶେଷ ଅଙ୍ଗ ହେଉଛି ଶିକ୍ଷା। ସୁସ୍ଥ ସମାଜ ଗଠନ ହିଁ ଏହି ମହାବିଦ୍ୟାଳୟର ଉଦ୍ଦେଶ୍ୟ। ସେହିଭଳି ଶିକ୍ଷା ଅନୁଷ୍ଠାନର ସାମଗ୍ରିକ ବିକାଶର ଚିତ୍ର ତାର ମୁଖ୍ୟ ପତ୍ରିକାରେ ପ୍ରକାଶ ପାଏ। ଏହି ଅବସରରେ "ଖାରବେଳ" ପତ୍ରିକାଟି ଠିକ୍ ସମୟରେ ପ୍ରକାଶ ପାଉଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହିତ ଶୁଭ କାମନା କରୁଛି।

ବ୍ରଜେଶ କୁମାର ପାଣି
ସ୍ୱା : ପ୍ରଧାନ ଆଚାର୍ଯ୍ୟ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ପଟିଆ।

# ଶୁଭେଚ୍ଛା ବାର୍ତ୍ତା



## ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର

## SRI JAYADEV SHIKSHA KENDRA

**Kanan Vihar-II, Patia, Bhubaneswar-751031**
**Regd.No. KRD/7111-79 OF 1997**
**Website: www.sjskpatia.com**

**ଶ୍ରୀଯୁକ୍ତ ପ୍ରଦୀପ କୁମାର ପାଣି**
ପ୍ରଧାନ ଆଚାର୍ଯ୍ୟ ତଥା ସଂପାଦକ
ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର, ପଟିଆ, (କାନନ ବିହାର-୨ ,ଭୁବନେଶ୍ୱର- ୩୧)

ଭୁବନେଶ୍ୱର
ତା.୦୭.୦୮.୨୦୨୦

ଭୁବନେଶ୍ୱରର ପଥରଗାଡିଆ ଅଂଚଳରେ ଗଢିଉଠିଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତା'ର ମୁଖପତ୍ର "ଖାରବେଳ"ର ଡିଜିଟାଲ୍ ସଂସ୍କରଣ ପ୍ରକାଶ କରୁଥିବା ଶୁଣି ବିଶେଷ ଖୁସି ହେଲି । ପ୍ରକୃତରେ ମୁଖପତ୍ର ହିଁ ଅନୁଷ୍ଠାନର ଗର୍ବ ଗୌରବର ଗାଥାକୁ ଧାରଣ କରି ଇତିହାସକୁ ଋଦ୍ଧିମନ୍ତ କରିଥାଏ । ସୁଯୋଗ ଦେଇଥାଏ କହିଦେବାକୁ ଆମ ଯୁବପିଢିକୁ ଅନେକ ଅକୁହା କଥା । ଆଶାକରେ, ଏଥିରେ ପ୍ରକାଶିତ ସମସ୍ତ ଲେଖା ପତ୍ରିକାଟିର ଶ୍ରୀ ମଣ୍ଡିତ କରିବା ସହିତ ଶିକ୍ଷଣୀୟ, ଜ୍ଞାନବର୍ଦ୍ଧକ ହେବାସହ ସମାଜରେ ପ୍ରଭାବ ପକାଇବ ।

ଅନୁଷ୍ଠାନର ଶିକ୍ଷକ ଶିକ୍ଷିକାମାନଙ୍କୁ ଶୁଭେଚ୍ଛା ସହ ମନେପକାଇ ଦେବାକୁ ଚାହୁଛି ଯେ, ସଂସ୍କୃତରେ କଥାଅଛି :- 'ସର୍ବତ୍ର ଜୟଂ ଇଚ୍ଛତି, ଛାତ୍ରେଃ ପୁତ୍ରେଃ ପରାଜୟ' । ଏହାର ଅର୍ଥ ଆପଣମାନଙ୍କୁ ବୁଝାଇବାର ଧୃଷ୍ଟତା କରିବି ନାହିଁ ।

ଯେଉଁ କର୍ମକର୍ତ୍ତାମାନଙ୍କର ଉଦ୍ୟମରେ ଅନୁଷ୍ଠାନଟି ଦଣ୍ଡାୟମାନ ଯେଉଁମାନଙ୍କ ସହଯୋଗରେ ଅନୁଷ୍ଠାନଟି ଆଗେଇ ଚାଲିଅଛି ସେହି କର୍ମକର୍ତ୍ତାମାନଙ୍କୁ , ହିତୈଷୀମାନଙ୍କୁ ଓ ଅଭିଭାବକ ମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଶିକ୍ଷାନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରୁଛି ।

Pradeep Kumar Pani
(ଶ୍ରୀଯୁକ୍ତ ପ୍ରଦୀପ କୁମାର ପାଣି)
ମୋବାଇଲ୍ ନଂ - ୭୯୭୮୩୮୩୧୮୫

# ଶୁଭେଚ୍ଛା ବାର୍ତ୍ତା

**Dr Bhabanikant Satapathy**
Ph.D. Lib.& Inf.Sc, Lecture
Pt.N.College of Lib & Inf.Sc BBSR-13



To
The secretary, governing body

Esteemed sir,

It is my immense pleasure to know Stitiprajna higher secondary school, Bhubaneswar, is publishing its magazine "KHARABELA".

Young minds need a shape & guidance. They require proper training i.e. classroom & outside classroom training. Our education system is facing lot of challenges in now days. This publication is a step towards the right direction.

I convey my sincere gratitude to the school for its efforts in shaping the young minds and developing them to blossom as a responsible citizen.

With warm regards
Bhabanikant satapathy

# ଶୁଭେଚ୍ଛା ବାର୍ତ୍ତା

**ଶ୍ରୀମତୀ ବିଚିତ୍ରା ରଥ**
ପରିଚାଳନା କମିଟି ସଭ୍ୟା
କାନନ ବିହାର, ଭୁବନେଶ୍ୱର



ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏହାର ମୁଖପତ୍ର 'ଖାରବେଳ' ର ଡ଼ିଜିଟାଲ ସଂସ୍କରଣ ପ୍ରକାଶ କରୁଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

# ଶୁଭେଚ୍ଛା ବାର୍ତ୍ତା

**Anuva Mishra**

**G.B. Member**



It gives me immense pleasure to know that Sthitiprajna Higher Secondary school is bringing out the School magazine "KHARAVELA"

I appreciate the efforts contributed and hard works of all the faculties & students concerned in bringing this magazine out. I wish them all the success in their activities. I also pray that Almighty God gives them more strength to carry out their good work.

I also hope that the magazine will stimulate & encourage the hidden talents of the students.

I wish this a "Great Success".



# କଲେଜ ପରିଚାଳନା କମିଟି ସଂପାଦକଙ୍କ ବିବରଣୀ

ଓଡ଼ିଶା ଶିକ୍ଷା ଆଇନ୍ ଅନୁଯାୟୀ ମୁଁ କଲେଜ ପରିଚାଳନା କମିଟିର ସୁପାରିସ ଓ ଓଡ଼ିଶା ସରକାରଙ୍କ ଅନୁମୋଦନ କ୍ରମେ ୨୦୧୪ ମସିହାରୁ ଅନୁଷ୍ଠାନର ଅବୈତନିକ ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଅଛି । ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଥିଲେ ଖ୍ୟାତନାମା ସାମ୍ବାଦିକ, ବରିଷ୍ଠ ରାଜନେତା, ସମାଜସେବୀ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକ ବିଭାଗର ଅଧ୍ୟାପକ ସ୍ୱର୍ଗତ ରମାକାନ୍ତ ମିଶ୍ର । ରମାକାନ୍ତ ମିଶ୍ରଙ୍କ ମୁଁ ବଡ଼ ପୁଅ । ମୋର ସାନ ଭଉଣୀର ଅଚାନକ ଦେହାନ୍ତ ପରେ ତା'ରି ସ୍ମୃତିରେ ୨୦୦୯ ମସିହାରେ ଏହି କଲେଜ ପ୍ରତିଷ୍ଠା କରାଯାଇଛି ଏବଂ ଏହି କଲେଜର ନାମ ତା'ର ନାମାନୁସାରେ ହୋଇଛି 'ସ୍ଥିତିପ୍ରଜ୍ଞା କଲେଜ' । ୨୦୧୭ ମସିହାରୁ ପ୍ରଶାସନିକ ସୁବିଧା ହେତୁ ସରକାରଙ୍କ ଆଦେଶାନୁଯାୟୀ କଲେଜର ନାମ ବଦଳା ଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରଖାଗଲା । ତେଣୁ ସେବେଠାରୁ କଲେଜର ନାମ ପରିବର୍ତ୍ତିତ ହୋଇ ହେଲା 'ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ' । ଏହି ବିଦ୍ୟାଳୟରେ ଉଭୟ କଳା ଓ ବିଜ୍ଞାନ ବିଭାଗ ରହିଛି । ଏହି ବିଦ୍ୟାଳୟରେ ଉଭୟ ପୁଅ ଓ ଝିଅ ଅଧ୍ୟୟନ କରୁଛନ୍ତି ।

ନନାଙ୍କ ଅକସ୍ମାତ ଦେହନ୍ତ ପରେ ମୋତେ କଲେଜର ସମ୍ପୂର୍ଣ୍ଣ ଦାୟିତ୍ୱ ନେବାକୁ ପଡ଼ିଲା । ସମ୍ପୂର୍ଣ୍ଣ ଦାୟିତ୍ୱ ନେବା ପରେ ମୋର ବୃତ୍ତି ଉପରେ ମଧ୍ୟ ତାହାର ପ୍ରଭାବ ପଡ଼ିଲା । ମୋର ପେଶା ହେଲା ଓକିଲାତି ଓ ନିଶା ଜନସେବା । ପ୍ରଥମେ ପ୍ରଥମେ ଦୁଇଟି ଭିତରେ ତାଳମେଳ ରଖିବାରେ ଅସୁବିଧା ହେଉଥିଲା କିନ୍ତୁ ସମୟକ୍ରମେ ଭଗବାନଙ୍କ ଆଶୀର୍ବାଦରୁ ସବୁ ଧୀରେ ଧୀରେ ସ୍ୱାଭାବିକ ହୋଇଗଲା । ଦାୟିତ୍ୱ ନେବା ସମୟରେ କଲେଜର ଅବସ୍ଥା, ବର୍ତ୍ତମାନ ଅବସ୍ଥା ଭଳି ନଥିଲା । କଲେଜ ଶୈଶବ ଅବସ୍ଥାରେ ଥିଲା । ତାକୁ ଯୌବନ ଅବସ୍ଥାକୁ ଆଣିବା ଥିଲା ମୋର କର୍ତ୍ତବ୍ୟ । କଲେଜକୁ ବର୍ତ୍ତମାନ ସ୍ଥିତିରେ ପହଁଚାଇବାରେ ମୋର ୨୦ ବର୍ଷରୁ ଉର୍ଦ୍ଧ୍ୱ ଓକିଲାତି ଅଭିଜ୍ଞତା ବହୁତ କାମ ଦେଇଛି । ଏହି ଅଭିଜ୍ଞତାକୁ ପାଥେୟ କରି ଦୁର୍ବଳ ହୋଇ ପଡ଼ିଥିବା ଅନୁଷ୍ଠାନଟିକୁ ସବଳ କରାଇବାରେ ସକ୍ଷମ ହୋଇପାରିଛି । ବର୍ତ୍ତମାନ ଅନୁଷ୍ଠାନ ସମ୍ପୂର୍ଣ୍ଣ ନହେଲେ ମଧ୍ୟ ଅସଂପୂର୍ଣ୍ଣ ନୁହେଁ ।

ବର୍ତ୍ତମାନର ଅଧ୍ୟକ୍ଷଙ୍କ ଅକୁଣ୍ଠ ସହଯୋଗ ଓ ଅଧ୍ୟାପକ / ଅଧ୍ୟାପିକାମାନଙ୍କ ସମର୍ପଣ ଭାବ ଯୋଗୁଁ ଖୋର୍ଦ୍ଧା ଜିଲ୍ଲାରେ କଲେଜ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଯେକୌଣସି କଲେଜ ସୁନ୍ଦର ଦିଶେ ତା'ର ଆଧ୍ୟାପକମାନଙ୍କର ଶିକ୍ଷାଗତ ଯୋଗ୍ୟତା, ଶିକ୍ଷାରମାନ, ଶୈକ୍ଷିକ ବାତାବରଣ, ଛାତ୍ରସମାଜ ଓ ଶୃଙ୍ଖଳାକୁ ନେଇ । ଶିକ୍ଷାରମାନ ଓ ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳା ବିଷୟକୁ ନେଇ ମୁଁ ଏତିକି କହିବି ଯେ ଏହା ଅତୁଳନୀୟ । ବିଗତ କିଛିବର୍ଷ ହେଲାଣି କଲେଜର ପାଶହାର ୧୦୦% । ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କିଛି ଛାତ୍ରଛାତ୍ରୀଙ୍କ ପାଠ ସହିତ ଅନ୍ୟାନ୍ୟ ଭଲ ଗୁଣ ମଧ୍ୟ ଅଛି । ସେମାନେ ସେହି କ୍ଷେତ୍ରରେ ରାଜ୍ୟରେ ପୁରସ୍କୃତ ମଧ୍ୟ ହୋଇଛନ୍ତି । ସେମାନେ ଚିତ୍ର କରିପାରୁଛନ୍ତି,

ଗୀତ ଲେଖିପାରୁଛନ୍ତି, ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ଭାଗ ନେଇ କଲେଜ ପାଇଁ ଗୌରବ ଆଣୁଛନ୍ତି । କେତେଜଣ ଛାତ୍ରୀ ମଡ଼େଲିଂରେ ମଧ୍ୟ ନିଜ କ୍ୟାରିୟର କରିବା ପାଇଁ ଆଗେଇଛନ୍ତି । କଲେଜ ପକ୍ଷରୁ ସେମାନଙ୍କୁ ଯଥାସାଧ୍ୟ ସାହାଯ୍ୟ କରାଯାଉଛି ।

କରୋନା ସମୟରେ କଲେଜ ଆସିବା ପିଲାଙ୍କ ପକ୍ଷେ ସମ୍ଭବ ହେଉ ନାହିଁ । ତେଣୁ ମେ ମାସଠାରୁ ଉଭୟ କଳା ଓ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ସପ୍ତାହରେ ୭ ଦିନ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ କରାଯାଉ ଅଛି । ପ୍ରଥମେ ପ୍ରଥମେ ଅନ୍‌ଲାଇନ୍ କ୍ଲାସ୍‌ରେ କମ୍ ପିଲା ଯୋଗ ଦେଉଥିଲେ; କିନ୍ତୁ କ୍ଲାସ୍ ଆରମ୍ଭର ୧୫ ଦିନ ପରେ ଶତକଡ଼ା ୮୦ ଭାଗ ପିଲା ଅନ୍‌ଲାଇନ୍ କ୍ଲାସରେ ଯୋଡ଼ି ହୋଇଛନ୍ତି । ଏହା ନିଶ୍ଚିତ ଭାବେ କଲେଜ ପାଇଁ ଏକ ଶୁଭ ସୂଚନା । ପିଲାଙ୍କ ମଧ୍ୟରେ ଅନ୍‌ଲାଇନ୍ ପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଅନ୍‌ଲାଇନ୍ ପରୀକ୍ଷା ମଧ୍ୟ କରାଯାଉଛି । ପରୀକ୍ଷା ସମୟରେ ପିଲାଙ୍କ ପାଖରେ ତାଙ୍କ ବାପା ମା'ମାନେ ଉପସ୍ଥିତ ରହୁଛନ୍ତି ଓ ଶିକ୍ଷକମାନେ ପରୀକ୍ଷା କରୁଛନ୍ତି । ଏ ଧରଣର ପରୀକ୍ଷା ପିଲାମାନଙ୍କୁ ବହୁତ ଆନନ୍ଦ ଦେଉଛି ।

କରୋନା ମୋ ପାଇଁ ଏକ ପ୍ରେରଣା । ମହାମାରୀ ସମୟରେ କଲେଜ କିଭଳି ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ନିକଟତର ହେବ ତାହା ମୋ ପାଇଁ ଏକ ଆହ୍ୱାନ ଥିଲା । ଏହି ଆହ୍ୱାନକୁ ସଫଳ ରୂପ ଦେବା ପାଇଁ କଲେଜର ନିଜସ୍ୱ ୱେବସାଇଟ୍ ଖୋଲା ସରିଛି । ଖାଲି ସେତିକି ନୁହେଁ, କଲେଜର ନିଜସ୍ୱ ପ୍ରଶଂସାସୂଚକ ସଙ୍ଗୀତ ମଧ୍ୟ ରେକର୍ଡ଼ିଂ ହୋଇ ସାରିଛି । ଏଥି ସହିତ ପ୍ରଥମଥର ପାଇଁ କଲେଜର ମୁଖପତ୍ର 'ଖାରବେଳ' ପ୍ରକାଶ ପାଉଛି । ଯେତେବେଳେ ମୁଁ ଖାରବେଳ ନାଁଟିକୁ ପରିଚାଳନାମଣ୍ଡଳୀ ଓ ଅଧ୍ୟାପକମଣ୍ଡଳୀ ସମ୍ମୁଖରେ ପ୍ରସ୍ତାବ ରଖିଲି ସମସ୍ତେ ଏକ ସ୍ୱରରେ ପ୍ରଶ୍ନ କଲେ ଖାରବେଳ ନାଁଟି କାହିଁକି ? ମୋର ସେମାନଙ୍କୁ ଉତ୍ତର ଥିଲା ଏହି ନାଁ ସହିତ ସ୍ମୃତି ଜଡ଼ିତ । ଅର୍ଥାତ୍ କଲେଜର ପ୍ରତିଷ୍ଠାତା ସମ୍ପାଦକଙ୍କ ଦ୍ୱାରା ୧୯୮୩ ମସିହାରେ ଖାରବେଳ ନାମକ ଏକ ମାସିକ ଫିଚର୍ ମ୍ୟାଗାଜିନ୍ ପ୍ରକାଶ ପାଉଥିଲା । କଲେଜର ପ୍ରତିଷ୍ଠାତା ସମ୍ପାଦକ ଥିଲେ ଉକ୍ତ ମ୍ୟାଗାଜିନ୍‌ର ମୁଖ୍ୟ ସମ୍ପାଦକ । ଉକ୍ତ ପତ୍ରିକାଟି ଭାରତ ସରକାରଙ୍କ ଦ୍ୱାରା ପଞ୍ଜିକୃତ । ଦୁର୍ଭାଗ୍ୟବଶତଃ ପରବର୍ତ୍ତୀ ସମୟରେ ଉକ୍ତ ପତ୍ରିକାଟିର ପ୍ରକାଶନ ବନ୍ଦ ହୋଇଗଲା । ତେଣୁ ସେହି ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ କଲେଜ ମୁଖପତ୍ରର ନା ରଖାଗଲା "ଖାରବେଳ" । ଏହାର ଡିଜିଟାଲ୍ ସଂସ୍କରଣ ପ୍ରକାଶ ପାଇବ ଏବଂ ଏହାକୁ ସମସ୍ତେ କଲେଜର Websiteରେ ଦେଖିପାରିବେ । ଏହାକୁ ଡିଜିଟାଲ ସଂସ୍କରଣ ରୂପେ ପ୍ରକାଶ କରିବାର ଦୁଇଟି କାରଣ । ପ୍ରଥମତଃ ଭବିଷ୍ୟତ ପାଇଁ ଉପଯୁକ୍ତ ଭାବେ ସାଇତି ରଖିବା, ଦ୍ୱିତୀୟତଃ ଏହାକୁ ଛାପି ଆମ୍ଭେ ପରୋକ୍ଷରେ ଜଙ୍ଗଲ ଧ୍ୱଂସର କାରଣ ହେଉଛେ । ତେଣୁ ସମାଜକୁ ଜଙ୍ଗଲ ଧ୍ୱଂସକୁ ରକ୍ଷା କରିବା ପାଇଁ ଏହା କଲେଜ ପକ୍ଷରୁ ଏକ ବାର୍ତ୍ତା । ଏତଦ୍‌ବ୍ୟତୀତ କଲେଜ ଯାହାଙ୍କ ନାମରେ ନାମିତ ହୋଇଛି ତାଙ୍କ ସମ୍ବନ୍ଧୀୟ ଲେଖା ଓ ପ୍ରତିଷ୍ଠାତା ସଂପାଦକଙ୍କ ଲେଖାଗୁଡ଼ିକର ଡିଜିଟାଲ ସଂସ୍କରଣ ସମୟକ୍ରମେ ଏଠାରେ ସ୍ଥାନିତ କରାଯିବାର ଯୋଜନା କରାଯାଇଛି ।

ସରକାରଙ୍କ ନିୟମ ଅନୁଯାୟୀ ମୋର କାର୍ଯ୍ୟକାଳ ଶେଷ ହେବା ସମୟ ଆସିଲାଣି । ଯେଉଁଦିନ ଦାୟିତ୍ୱରୁ ଅବ୍ୟାହତ ନେବି ତା'ପରଦିନ ମୋର ଜୀବନଚର୍ଯ୍ୟାରେ ପରିବର୍ତ୍ତନ ହେବ । ସକାଳୁ ଉଠି କଲେଜ ଯିବା ପାଇଁ ତରବର ହେବି ନାହିଁ । କଲେଜରେ ପହଞ୍ଚି ରାଜୁ, ରିନା, ମାମିନା, ସନ୍ତୋଷ ଓ ପୋଥାଳ ମଉସା ଉପରେ ତାଗିଦକରିପାରିବି ନାହିଁ । କହି ପାରିବି ନାହିଁ କଲେଜ ପରିବେଶ କାହିଁକି ସଫା ରଖି ନାହଁ । ଶୁଣିପାରିବିନି ପିଲାମାନଙ୍କର 'ଗୁଡ୍‌ମର୍ଣ୍ଣିଂ' ସାର୍ । ଅଧ୍ୟାପକ ଅଧ୍ୟାପିକାମାନଙ୍କ ନିୟମିତ ନମସ୍କାରରୁ ବଞ୍ଚିତ ହେବି । ମୋର ପ୍ରତି ନମସ୍କାରରୁ ବଞ୍ଚିତ ହେବେ ମୋର ପ୍ରିୟ ଅଧ୍ୟାପକ ଅଧ୍ୟାପିକା । ଅଧ୍ୟାପକ ଓ ପରିଚାଳନା କମିଟି ମଧ୍ୟରେ ତୁ ତୁ ମେ ମେ ମେର ସବୁଦିନ ପାଇଁ ଅନ୍ତ ଘଟିବ । ମତେ ବଞ୍ଚିତ ହେବାକୁ ପଡ଼ିବ ମଉସାଙ୍କ ହାତରନ୍ଧା ମଧ୍ୟାହ୍ନ ଭୋଜନରୁ । ଖାଲି ସେତିକି ନୁହେଁ, ଅଧ୍ୟାପକ ଏବଂ ଅଧ୍ୟାପିକାମାନଙ୍କସହ ଏକତ୍ର ବସି ପଙ୍କ୍ତିଂ ଭୋଜନ କରିବା ମଜ୍ଜାରୁ ମୁଁ ସବୁଦିନ ପାଇଁ ବଞ୍ଚିତ ହେବି । ଏହା ମୋ ପାଇଁ ଯନ୍ତ୍ରଣାଦାୟକ ହେଲେ ମଧ୍ୟ ସରକାରଙ୍କ ନିୟମ ମାନିବାକୁ ବାଧ୍ୟ । ମୋର ଅଧ୍ୟାପକ ଏବଂ ଅଧ୍ୟାପିକାମାନଙ୍କୁ ଏତିକି ନିବେଦନ ମୋ ପରେ ଯିଏ ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରନ୍ତୁ ସେଥିରେ କିଛି ଭାବିବାର ନାହିଁ । ସମସ୍ତେ ସଂପାଦକଙ୍କ ମିଶି କଲେଜର ସର୍ବବିଧ ଉନ୍ନତି ପାଇଁ କାର୍ଯ୍ୟ କରିବ । ଗୋଟେ କଥା ସବୁବେଳେ ମନେ ରଖିବ 'କଲେଜର ସ୍ଥାୟିତ୍ୱ ତୁମ୍ଭମାନଙ୍କ ଦାୟିତ୍ୱ ।'

ଧନ୍ୟବାଦ ।

**ଆପ୍ତକାମ ମିଶ୍ର**



# From Principal's Desk



I deem it my pleasure to express my heartfull thanks to the students, teachers and other employees of the college that after a year long gap "Kharavela" the Annual literary Magazine of Stithiprajna Higher Secondary School is going to be published for the session 2020-21.

Magazine plays a vital role in the development of literary ability and provides a platform for the students to express their creative pursuit which develops in them originality of thought and perfection. The potentiality of our students should find encouragement which will boost to their confidence. Magazine is enriched with valuable contributions from the students and the process will add luster to the name of the institution.

I am quite sanguine of the success in subsequent years.

***Basanta Kumar Behari***



# ସଂପାଦକୀୟ

ଏକଥା ଏକାନ୍ତ ସତ୍ୟ ଯେ ଯାତ୍ରାର ପଥ ସର୍ବଦା ସୁଗମ ନୁହେଁ । ବହୁ ବାଧାବିଘ୍ନ କୁ ଅତିକ୍ରମ କରି ଆଗକୁ ଯିବାକୁ ହୁଏ । ଯିଏ ଯେଉଁପରି ଆଗକୁ ଗଲା, ସେହି ପରିମାଣରେ ସଫଳତା ଫୁଟି ଦିଶିଲା । ଗୋଟିଏ ସଫଳତା ଆସିଲେ ପରେ ପରେ ଆଉ ଏକ ଆହ୍ୱାନ ପହଞ୍ଚେ, ତାକୁ ସ୍ୱୀକାର କରିନେବା ହିଁ ଶ୍ରେଷ୍ଠ ଉପଲବ୍ଧି । ଅନୁଷ୍ଠାନ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ । ଆମର ଏ ଅନୁଷ୍ଠାନ ଆଜି ଏକାଦଶ ବର୍ଷରେ ପଦାର୍ପଣ କରିଛି । ବହୁ ବାଧାବିଘ୍ନ କୁ ପ୍ରତିହତ କରି ଦଣ୍ଡାୟମାନ ହୋଇଛି । ଆମ ଏ ଅନୁଷ୍ଠାନର ମୁଖପତ୍ର "ଖାରବେଳ" ପ୍ରକାଶିତ ହେବା ପାଇଁ ଏକ ସୁନ୍ଦର ଅନୁଭୂତି ।

ମଣିଷ ସୃଜନ ସତ୍ତାର ଅଧିକାରୀ । ନିଜର ଭାବ କଳ୍ପନାକୁ ସେ କଳା, ସାହିତ୍ୟ, ଅଭିନୟରେ ପ୍ରକାଶ କରିପାରେ । ଆମର ଏଇ କ୍ଷୁଦ୍ର ଉଦ୍ୟମ ପଛରେ ରହିଛି ଆଗାମୀ ପିଢ଼ି ଙ୍କ ସୃଜନଶୀଳତା କୁ ପ୍ରକାଶ ରେ ଆଲୋକ ଦେବା । ଏହି ଅନୁଷ୍ଠାନର କଳିକା ମାନେ ଯେପରି ସେମାନଙ୍କ ଅନୁଭବ ପ୍ରକାଶ କରିଛନ୍ତି, ଏଇ ବଗିଚର ମାଳି ମାନେ ସେହିପରି ସେମାନଙ୍କ ଅଭିଜ୍ଞତା ବାଣ୍ଟିଛନ୍ତି । ତାହାକୁ କେବଳ ସୁନ୍ଦର ମାଳାରେ ସଜେଇ ଦିଆଯାଇଛି । ଆଶା ଆପଣମାନେ ତାହାକୁ ଛୁଇଁଯିବେ ।

ଶ୍ରୀମତୀ ସ୍ନେହଲତା ପୃଷ୍ଟି

# ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ସ୍ଥିତଧୀଃ କିଂ ପ୍ରଭାଷେତ୍ | ୧ - ୨ |
| ୨. | ନାମଟି କେଡ଼େ ସୁନ୍ଦର ଏ କଲେଜର | ୩-୪ |
| ୩. | ସ୍ଥିତିପ୍ରଜ୍ଞା | ୫ |
| ୪. | ବୁଦ୍ଧିସ୍ଥିର | ୬ |
| ୭. | ସ୍ଥିତିପ୍ରଜ୍ଞା ବିଷୟରେ ପଦେ | ୭-୮ |
| ୯. | ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟ ଏକ ବିହଙ୍ଗାବଲୋକନ | ୯ - ୧୦ |
| ୧୦. | ତୁମେ ତୁମର ସଫଳତା ପାଇଁ ନିଜକୁ ବାହାଦୁରି ଦେଉଛ କି ? | ୧୧ - ୧୨ |
| ୧୧. | ଜାତୀୟ ସେବା ଯୋଜନା ଓ ଛାତ୍ରଛାତ୍ରୀମାନଙ୍କ ଭୂମିକା | ୧୩- ୧୫ |
| ୧୨. | ଗ୍ରାମ ସଭା ସଶକ୍ତୀକରଣ ଓ ତୃଣମୂଳ ଗଣତନ୍ତ୍ର | ୧୬- ୨୦ |
| ୧୩. | ଏକ ନିଆରା ପରିବେଶ | ୨୧ - ୨୨ |
| ୧୪. | ସଂସାର | ୨୩- ୨୪ |
| ୧୫. | My Perception | ୨୫ |
| ୧୬. | An Abrupt Fortune Leading to an Incredible Foundation | ୨୬ |
| ୧୭. | ମୁଁ ଓ ସ୍ଥିତିପ୍ରଜ୍ଞା / ପରିଚୟ | ୨୭- ୨୮ |
| ୧୮. | ସ୍ମୃତିରେ ସ୍ଥିତି | ୨୯ |
| ୧୯. | ଅନୁଭୂତିରୁ ପଦେ | ୩୦-୩୧ |
| ୨୦. | ଅନୁଭୂତିରୁ ଅଭିଜ୍ଞତା | ୩୨-୩୩ |
| ୨୧. | ମୋ ଦୃଷ୍ଟିରେ ବିଦ୍ୟାଳୟ | ୩୪ |

# ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୨୨. | ସ୍ଥିତିପ୍ରଜ୍ଞାର ପ୍ରାଙ୍ଗଣ | ୩୫-୩୬ |
| ୨୩. | ସ୍ମୃତି ଏଇ ଅଳ୍ପଦିନର | ୩୭-୩୮ |
| ୨୪. | ସେ ହସରେ କିଛି ଥିଲା... | ୩୯ |
| ୨୫. | My Experience with Books | ୪୦-୪୧ |
| ୨୬. | My College | ୪୨ |
| ୨୭. | Where there is Love there is Life | ୪୩-୪୪ |
| ୨୮. | Brain Computer Interface | ୪୫ |
| ୨୯. | Liberalism | ୪୬ |
| ୩୦. | ମୋ କଲେଜ | ୪୭ |
| ୩୧. | ଶିକ୍ଷକ ମୁଁ ହେବି | ୪୮ |
| ୩୨. | କହିଲି ମୁଁ ମନକଥା | ୪୯ |
| ୩୩. | ଜୀବନର ଅମାନତ | ୫୦ |
| ୩୪. | Little Things | ୫୧ |
| ୩୫. | Why god created Teacher | ୫୨ |
| ୩୬. | If you want to | ୫୩ |
| ୩୭. | Powerful short quotes about life | ୫୪ |
| ୩୮. | Value of time | ୫୫ |
| ୩୯. | Meaning of Teacher | ୫୬ |
| ୪୦. | Friendship | ୫୭ |

# ଶୁଭେଚ୍ଛୁଙ୍କ କଲମରୁ



◆◆◆

# ସ୍ଥିତଧୀଃ କିଂ ପ୍ରଭାଷେତ୍ ?

୰ଗୋରାଚାନ୍ଦ ମିଶ୍ର

ବାଳାନନ୍ଦ ବ୍ରହ୍ମଚାରୀ କହିଥିଲେ ପୂର୍ବଜନ୍ମରେ ଯିଏ ଯାହାଠୁ ଋଣ କରିଥାଏ, ସିଏ ପରଜନ୍ମରେ ପୁତ୍ର କନ୍ୟାଭାବରେ ଆସିଥାଆନ୍ତି ଋଣ ଆଦାୟ କରିବା ପାଇଁ । ପିତାମାତାଙ୍କର ସନ୍ତାନମାନଙ୍କ ପ୍ରତି ଅତିଶୟ ଆସକ୍ତି ହିଁ ଋଣ ପରିଶୋଧର ଏକମାତ୍ର ଉପାୟ । ଋଣ ପରିଶୋଧ ହେଲେ ସେମାନେ ସଂସାର ତ୍ୟାଗ କରନ୍ତି । ମୃତ୍ୟୁବରଣ କରନ୍ତି । ଅଳ୍ପ ବାକି ରହିଥିଲେ 'ସ୍ମୃତି' ମାଧ୍ୟମରେ ତାହା ପରିଶୋଧ ହୁଏ । ମଣିଷ ମୃତବ୍ୟକ୍ତି ଲାଗି ସ୍ମୃତିସ୍ତମ୍ଭ ନିର୍ମାଣ କରି କିମ୍ବା ଅନ୍ୟ ମାଧ୍ୟମରେ ସେ ସ୍ମୃତିଚାରଣ କରେ ।

ମଣିଷ ମନରେ ମୃତ୍ୟୁ ସମ୍ପର୍କରେ ନାନାପ୍ରଶ୍ନ – ବହୁ ଦାର୍ଶନିକ ଚର୍ଚ୍ଚା ଆଲୋଚନା, ଆଲୋଡ଼ନ ଲାଗି ରହିଛି ସୃଷ୍ଟିର ଆରମ୍ଭରୁ । ଏହା ଅତ୍ୟନ୍ତ ରହସ୍ୟପୂର୍ଣ୍ଣ । ନିଷ୍ଠୁର । ଅନିବାରଣୀୟ । ସାଧାରଣତଃ ମୃତ୍ୟୁର ଅର୍ଥ ହେଉଛି ଜୀବନର ଅବସାନ । ପୁଣି ପ୍ରଶ୍ନ ମଣିଷର ଚେତନା ଯଦି ମୃତ୍ୟୁ ପରେ ଜୀବିତ ରହୁଥାଏ, ତାହେଲେ ତ ମୃତ୍ୟୁକୁ ଆମେମାନେ ଯେପରି ଭାବରେ ଗ୍ରହଣ କରି ଆସିଛୁ ତାହା ନୁହେଁ ।

ବୁଦ୍ଧଦେବ ଦେଖିଲେ, ଆଗରେ ଏକ ଶବ ବୁହାହୋଇ ଯାଉଛି । ସାରଥିକି ପ୍ରଶ୍ନ କଲେ ଏହା କ'ଣ ? ସାରଥି ଉତ୍ତର ଦେଲେ ଗୋଟିଏ ମଣିଷ ମରିଗଲା । ସେତେବେଳେ ବୁଦ୍ଧ ପ୍ରଶ୍ନ କରିଛନ୍ତି ତାହା ହେଲେ ମୁଁ ତ ମରିଯିବି । ସାରଥି ଭୟଭୀତ ହୋଇ ପଡ଼ିଲେ । ସିଦ୍ଧାର୍ଥ ରାଜପୁତ୍ର । ତାଙ୍କୁ ସେ କେମିତି କହିବେ ଯେ ସେ ମଧ୍ୟ ମରିଯିବେ । କିନ୍ତୁ ବୁଦ୍ଧଦେବ କିଛି ସମୟ ଚିନ୍ତା କରିବା ପରେ ସାରଥିକି କହିଲେ, ଚାଲ ଘରକୁ ଫେରିଯିବା । ମୁଁ ମରିଗଲି ବୋଲି ଧରି ନିଅ । ସାରଥି ଆହୁରି ବେଶୀ ଡରିଗଲେ । କହିଲେ ନା, ରାଜକୁମାର । ଆପଣ ତ ଜୀବିତ, ମରିଗଲେ ବୋଲି ତ ମୁଁ କହିନି ।

ସେତେବେଳକୁ ବୁଦ୍ଧଦେବ ବୁଦ୍ଧ ହୋଇନଥିଲେ ସେ ଥିଲେ, ରାଜପୁତ୍ର ସିଦ୍ଧାର୍ଥ । ପ୍ରତ୍ୟେକ ଶବ୍ଦର ଅର୍ଥକୁ ବୁଝିବା ଲାଗି ସେ ଉଦ୍ୟମ କରୁଥିଲେ । ମନରେ ଥିଲା ଜିଜ୍ଞାସା । ବୁଦ୍ଧଦେବ ସାରଥି କି ହସି ହସି କହିଲେ, ଆଜି ନ ମଲେ କାଲି ମରିବି । ଏବେ ନ ହେଲେ ମୁହୂର୍ତ୍ତକ ପରେ ମରିଯାଇପାରେ । ଯଦି ମୃତ୍ୟୁ ନିଶ୍ଚିତ ତ ଜୀବନ ବ୍ୟର୍ଥ । ଏବେ ମୋ' ପାଖରେ ଯେତିକି ସମୟ ଅଛି ମୃତ୍ୟୁ କ'ଣ ଜାଣିବା ଲାଗି ଉଦ୍ୟମ କରିବା ଉଚିତ । ଜୀବନ ତ ଅନିଶ୍ଚିତ । ଯା ପିଛା ଲାଗି ଲାଭ କ'ଣ ? ଇଏ ତ ସମାପ୍ତ ହୋଇଯିବ । ମୁଁ ସବୁଠାରୁ ଖୁସି ଯେ ଏକ ନିଶ୍ଚିତ ତାହା ସୁନ୍ଦର ଓ ସୁଖକର । ସେହି ମୃତ୍ୟୁର ଅନୁସନ୍ଧାନ ହିଁ ମୋର ଧ୍ୟେୟ

ହେବ ।

ମନୁଷ୍ୟମାତ୍ରେ ସୁଖ ସନ୍ଧାନରେ ଲାଗିବ, କିନ୍ତୁ ବୁଦ୍ଧଦେବ ତା'ର ଓଲଟା ଦୁଃଖର ସନ୍ଧାନରେ ଲାଗିଲେ । ମନୁଷ୍ୟ ଜୀବନକୁ ଆସୁଥିବାବେଳେ ବୁଦ୍ଧଦେବ ମୃତ୍ୟୁ ରହସ୍ୟ ଖୋଜିବାରେ ଲାଗିଲେ । ମୃତ୍ୟୁର ସନ୍ଧାନରେ ଲାଗି ରହି ସେ ପରିଶେଷରେ ପରମଜୀବନ ଲାଭ କଲେ । ପରମାନନ୍ଦକୁ ପାଇଲେ । ଯିଏ ମୃତ୍ୟୁକୁ ଖୋଜେ ସିଏ ପାଏ ଅମୃତକୁ, ବୁଦ୍ଧଦେବ ତାଙ୍କର ଶିଷ୍ୟ ଭିକ୍ଷୁମାନଙ୍କୁ ପ୍ରଥମ ଉପଦେଶ ଦେଲେ – ଆର୍ଯ୍ୟସତ୍ୟ ଯେପରି ଜୀବନମାତ୍ରେ ଦୁଃଖ, ଦୁଃଖେ ସହିତ ଜିଇଁ ରହିବା ଅସମ୍ଭବ, ଦ୍ୱିତୀୟ ଆର୍ଯ୍ୟସତ୍ୟ ହେଉଛି – ଦୁଃଖରୁ ମୁକ୍ତି ପାଇବା ପାଇଁ ଉପାୟ ଅଛି । ଖୋଜ, ସନ୍ଧାନ ନିଅ । ନିଶ୍ଚୟ ପାଇବ, ଏହି ପ୍ରାପ୍ତି ହିଁ ନିର୍ବାଣ । ଦୁଃଖରୁ ମୁକ୍ତ ହୋଇଗଲେ ଯାହା ଅବଶେଷ ରହେ ତାହାହିଁ ଆନନ୍ଦ । ଏହି ଆନନ୍ଦ ଆସେ ଦୁଃଖ ସହିତ ସମ୍ପୂର୍ଣ୍ଣ ସାକ୍ଷାତ୍‌କାର ପରେ । ମଣିଷର ଏହି ଅବସ୍ଥାକୁ କୁହାଯାଏ ସ୍ଥିତପ୍ରଜ୍ଞ, ଯିଏ ନିଜର ସ୍ଥିତିକୁ ବୁଝିପାରେ ସେ ହୁଏ ପ୍ରଜ୍ଞା, ସ୍ଥିତପ୍ରଜ୍ଞା ।

ଏହି ସ୍ଥିତପ୍ରଜ୍ଞା ସମ୍ପର୍କରେ କେବଳ ଗୀତାରେ ତୃତୀୟ ପାଣ୍ଡବ ଅର୍ଜ୍ଜୁନ ନୁହଁ, ବହୁ ବ୍ୟକ୍ତି, ବହୁ ମୁନିଋଷି, ସାଧକ, ମହାପୁରୁଷଙ୍କଠାରୁ ଆରମ୍ଭ କରି ସାଧରଣ ଅଜ୍ଞ, ପ୍ରାଜ୍ଞ ସମସ୍ତେ ନିଜକୁ ନିଜେ ପ୍ରଶ୍ନ କରି ଆସିଛନ୍ତି । ନିଜକୁ ନିଜେ କହିବାର ତାତ୍ପର୍ଯ୍ୟ ହେଉଛି ଈଶ୍ୱର ବା ଭଗବାନ କୌଣସି ବାହାରର ବସ୍ତୁ ନୁହନ୍ତି, ପ୍ରତ୍ୟେକଙ୍କ ଅନ୍ତରର ବସ୍ତୁ । ସ୍ଥିତପ୍ରଜ୍ଞ କାହାକୁ କୁହାଯାଏ, ତା'ର ଭାଷା କ'ଣ, ଭାବ କ'ଣ ବୋଲି ପ୍ରଶ୍ନ କରିବାରେ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ମନରେ ପ୍ରବଳ ବିଷୟ ବାସନାହିଁ ଆତ୍ମସୁଖର ପ୍ରଧାନ ପ୍ରତିବନ୍ଧକ । ଯେଉଁ ବ୍ୟକ୍ତି ସର୍ବଦା ତୃପ୍ତ, ତାହାର ଅନ୍ତର ଜ୍ଞାନପୂର୍ଣ୍ଣ, ବିଷୟପଙ୍କରେ ଯିଏ ବୁଡ଼ି ରହେନା, ତାହାର ମନ ଆତ୍ମସନ୍ତୋଷରେ ମଗ୍ନ, ଯିଏ କାମନା ବାସନାଠାରୁ ବହୁ ଦୂରରେ ସେ ହେଉଛି ସ୍ଥିତପ୍ରଜ୍ଞ । ଉଦାହରଣ ଦେଇ ଭଗବାନ କହିଥିଲେ; ସ୍ଥିତପ୍ରଜ୍ଞର ସ୍ୱଭାବ ଠିକ୍ କଇଁଚ ଭଳି । କଇଁଚ ଆନନ୍ଦରେ ନିଜ ଅବୟବକୁ ବାହାର କରି ନିଜ ଇଚ୍ଛାନୁସାରେ ସଙ୍କୁଚିତ କରି ନେଇଥାଏ, ଇନ୍ଦ୍ରିୟଗୁଡ଼ିକ ଆତ୍ମାର ଅଧୀନ, ଯିଏ ଏଗୁଡ଼ିକୁ ନିଜ ଇଚ୍ଛାନୁସାରେ ପରିଚାଳିତ କରିଥାଏ । ସେଇଭଳି ଲୋକର ମନସ୍ଥିତ । ସେ ସ୍ଥିତପ୍ରଜ୍ଞ ।

ଭାଗ୍ୟକୁ ଦୋଷ ଦେବା ସବୁଠୁ ବଡ଼ ମୂର୍ଖତା । ନିୟତି ବୋଲି କିଛି ଯଦି ଥାଏ, ସେ ତୁମ କାମ ତୁମ ଦ୍ୱାରାହିଁ କରାଇଥାଏ । ନିଜେ ନିଜର ଶତ୍ରୁ ଓ ମିତ୍ର । ଦୁଃଖ ଶତ୍ରୁ, ସୁଖ ମିତ୍ର । ତେଣୁ କୃଷ୍ଣ କହନ୍ତି ଅର୍ଜ୍ଜୁନରୂପୀ ସମଗ୍ର ମାନବ ସମାଜକୁ ସୁଖଦୁଃଖର ଯିଏ ନିଷ୍କମ୍ପ ତା'ର ଚେତନା ସ୍ଥିର । ସେ ମୃତ୍ୟୁଞ୍ଜୟୀ । ଅମୃତସ୍ୟ ପୁତ୍ରା ।

# ନାମଟି କେଡ଼େ ସୁନ୍ଦର ଏ କଲେଜର



**ଶ୍ରୀ ଗୁରୁକଲ୍ୟାଣ ମହାପାତ୍ର**
ବରିଷ୍ଠ ସାମ୍ବାଦିକ

ଚମତ୍କାର ନାମ ଏ ଉଚ୍ଚତର ଶିକ୍ଷାନୁଷ୍ଠାନର । ରାଜଧାନୀ ଭୁବନେଶ୍ୱର ପଥରଗାଡ଼ିଆ ଅଞ୍ଚଳରେ ପ୍ରାୟ ଏଗାର ବର୍ଷ ତଳେ ପ୍ରତିଷ୍ଠିତ ଏହି କଲେଜ କେବେ ଦୃଷ୍ଟି ପଥାରୁଢ଼ ହୋଇଥିବା ମୋର ମନେ ପଡୁ ନାହିଁ । ମାତ୍ର 'ସ୍ଥିତପ୍ରଜ୍ଞା' ନାମକରଣ ପ୍ରକୃତରେ ମୋତେ ଆକର୍ଷିତ କରିଛି । ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଠାରୁ ଏ କଲେଜ ନିଆରା । କାରଣ ପ୍ରତିବର୍ଷ ସେଠାରେ 'ସଂବିଧାନ ଦିବସ' ପାଳନ କରାଯାଉଛି । ଅନ୍ୟ କୌଣସି ଶିକ୍ଷାନୁଷ୍ଠାନ ରାଜଧାନୀରେ ସେପରି ଦିବସ ପାଳନ କରୁଥିବା ମୋତେ ଜଣା ନାହିଁ । ଏ କଲେଜ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମୋତେ ବକ୍ତୃତା ଦେବା ଲାଗି ନିମନ୍ତ୍ରଣ କରିଥିଲେ । ମାତ୍ର କରୋନା ଭୂତାଣୁ କି ଅନ୍ୟାନ୍ୟ କାରଣରୁ ସେ କାର୍ଯ୍ୟକ୍ରମ ବାତିଲ ହୋଇଗଲା । ସମ୍ଭବତଃ ଯୋଗ ନଥିଲା, ପୁରୀରେ ଶ୍ରୀଜଗନ୍ନାଥଙ୍କ ଡୋରି ନଲାଗିଲେ ଯେପରି ଜଣେ ଯାଇ ଦର୍ଶନ କରିପାରେ ନାହିଁ । ଦୁଃଖରେ ଯିଏ ବିଚଳିତ ହେବ ନାହିଁ କି ସୁଖରେ ଆନନ୍ଦ ବା ସ୍ପୃହା ରହିବ ନାହିଁ, ସେହି ଅବସ୍ଥାକୁ ଶ୍ରୀମଦ୍ ଭଗବତ ଗୀତାରେ ସ୍ଥିତିପ୍ରଜ୍ଞା ଅବସ୍ଥା କୁହାଯାଉଛି । ସେ ଦୃଷ୍ଟିରୁ କଲେଜର ନାମ 'ସ୍ଥିତପ୍ରଜ୍ଞା' ଯେ ସାର୍ଥକ, ଏହା ଜାଣି ମୁଁ ଆନନ୍ଦିତ ହେଉଛି । କଲେଜର ଛାତ୍ରଛାତ୍ରୀମାନେ ସବୁ କ୍ଷେତ୍ରରେ ପାରଙ୍ଗମ । ଖେଳକୁଦଠାରୁ ଆରମ୍ଭ କରି ପାଠପଢ଼ାରେ । ମୁଁ ଏଥିପାଇଁ କଲେଜର ବିଦ୍ୟାର୍ଥୀ ଓ ଅଧ୍ୟାପକ/ଅଧ୍ୟାପିକା ଏ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି ।

କଲେଜର ମୁଖପତ୍ର 'ଖାରବେଳ' ବୋଲି ଜାଣି ଅଧିକ ଆନନ୍ଦିତ ହେଲି । ଅତୀତରେ କଟକରେ ମୁଁ ଗୋଟିଏ ଦୈନିକ ସମ୍ବାଦପତ୍ରରେ ସାମ୍ବାଦିକ ଭାବେ କାର୍ଯ୍ୟରତ ଥାଏ । ମୋର ଅନ୍ୟତମ ଘନିଷ୍ଠ ବନ୍ଧୁ ସେତେବେଳେ ଶ୍ରୀ ରମାକାନ୍ତ ମିଶ୍ର (ଏବେ ସ୍ୱର୍ଗରେ) 'ଖାରବେଳ' ପତ୍ରିକା ପ୍ରକାଶ କରି ବେଶ ସୁନାମ ଅର୍ଜନ କରିଥିଲେ ।

ମନେ ପଡ଼ିଯାଉଛି, ମୋର ଅନ୍ୟତମ ସାହିତ୍ୟିକ ବନ୍ଧୁ ଓ ବିଶିଷ୍ଟ ଗବେଷକ ଶ୍ରୀ ସଦାନନ୍ଦ ଅଗ୍ରୱାଲ । କଟକରେ ତା ୧୫.୦୫.୧୯୯୩ ରିଖରେ ଖାରବେଳ ଶୀର୍ଷକ ଏକ ସଚିତ୍ର ଗବେଷଣାତ୍ମକ ସ୍ୱରଚିତ

ପୁସ୍ତକ ମୋତେ ଉପହାର ସ୍ୱରୂପ ଦେଇଥିଲେ । ସେ ବି ଆମ ଗହଣରେ ଏବେ ନାହାନ୍ତି । କୌଣସିମତେ ସେ ବହିଟିକୁ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ସଂରକ୍ଷିତ କରି ରଖିଛି । ତାଙ୍କର ପତ୍ନତାତ୍ତ୍ୱିକ ଓ ଐତିହାସିକ ଗବେଷଣା ଅଦ୍ୱିତୀୟ ବୋଲି ମୋର ମନେ ହୋଇଥିଲା ସେ ପୁସ୍ତକଟି ପାଠକରି ।

ଅବଶ୍ୟ ଇଂରେଜମାନେ ଭାରତକୁ ଆଗମନ କରିବା ପରେ ଇଂରେଜ ସାହେବ ଜେମ୍‌ସ ପ୍ରିନ୍‌ସେପ୍ ୧୮୩୭ ମସିହାରେ, ଭୁବନେଶ୍ୱର ଅନ୍ତର୍ଗତ ଖଣ୍ଡଗିରି ଓ ଉଦୟଗିରିର ହାତୀ ଗୁମ୍ଫାରେ ଖାରବେଳଙ୍କ ସମୟରେ ଖୋଦିତ ଶିଳାଲେଖର ପାଠୋଦ୍ଧାର ବେଶ ଗୁରୁତ୍ୱପୂର୍ଣ୍ଣ । ପଦ୍ମଶ୍ରୀ ଉପାଧିପ୍ରାପ୍ତ ବିଶିଷ୍ଟ ସମାଜସେବୀ ଓ ଲେଖକ ସ୍ୱର୍ଗୀୟ ଲକ୍ଷ୍ମୀନାରାୟଣ ସାହୁ 'ଓଡ଼ିଶାରେ ଜୈନଧର୍ମ' ଶୀର୍ଷକରେ ଏକ ପୁସ୍ତକ ମଧ୍ୟ ରଚନା କରିଥିଲେ । ମାତ୍ର ତାହା ଏବେ ଦୁଷ୍ପ୍ରାପ୍ୟ । ପରବର୍ତ୍ତୀ କାଳରେ ରାଜ୍ୟର ବିଶିଷ୍ଟ ଐତିହାସିକ ଓ ପ୍ରଫେସର ନବୀନ କୁମାର ସାହୁ 'ଖାରବେଳ' ଶୀର୍ଷକ ଅନ୍ୟ ଏକ ପୁସ୍ତକ ଇଂରାଜୀ ଭାଷାରେ ଲେଖିଥିଲେ । ତାହା ୧୯୮୪ ମସିହାରେ ରାଜ୍ୟ ସଂଗ୍ରହାଳୟ ବା ମ୍ୟୁଜିଅମ୍ ଦ୍ୱାରା ପ୍ରକାଶ ପାଇଛି ।

ତେଣୁ କଲେଜର ମୁଖପତ୍ର 'ଖାରବେଳ' ଥିବାରୁ ତାହାର ଗୁଣାତ୍ମକ ଓ ସଫଳ ପ୍ରକାଶନ ହେଉ । ଏହା ହିଁ କାମନା । ◆◆◆



# ସ୍ଥିତିପ୍ରଜ୍ଞା



**ଡକ୍ଟର ତମସାରାଣୀ ଦାସମହାପାତ୍ର**
ପ୍ରାକ୍ତନ ନିର୍ଦ୍ଦେଶିକା, ଓଡ଼ିଶା ଭାଷା ସାହିତ୍ୟ ପ୍ରତିଷ୍ଠାନ

ସ୍ଥିତିପ୍ରଜ୍ଞା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓଡ଼ିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ । "୨୦୦୯ ମସିହାରୁ ସ୍ଥାପିତ ଏହି ଯୁକ୍ତଦୁଇ ବିଦ୍ୟାଳୟ ଦୀର୍ଘ ଏକାଦଶବର୍ଷ ଓଡ଼ିଶାର ସମକାଳୀନ ଶିକ୍ଷାକ୍ଷେତ୍ରକୁ ଋଦ୍ଧିମନ୍ତ ତଥା ବିସ୍ତାରିତ କରିବା ଦିଗରେ ନେଇଥିବା ପ୍ରଯତ୍ନ ବାସ୍ତବିକ୍ ଅଭିନନ୍ଦନୀୟ ।" ଏହି ମହାବିଦ୍ୟାଳୟର ଅଧକ୍ଷ, ଅଭିଜ୍ଞ ଶିକ୍ଷକ / ଅଧ୍ୟାପକ, ପରିଚାଳନା କମିଟିର ଅଧକ୍ଷ ଶିକ୍ଷା ପ୍ରଦାନର ଅଙ୍ଗୀକାରବଦ୍ଧତା, ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ, ଦୃଢ଼ ସାଂଗଠନିକ ଦକ୍ଷତା ଏହାର ଅବିସମ୍ବାଦିତ ଜନପ୍ରିୟତାର ଉଦାହରଣ ।

(Home Science) ଗୃହ ବିଜ୍ଞାନ ବିଷୟର ଏକ ପ୍ରୟୋଗାତ୍ମକ ପରୀକ୍ଷାରେ ମୁଁ ସେଠାକୁ ଯାଇଥିଲି । ସେଠିକାର ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ମାର୍ଜିତ ବ୍ୟବହାର, ରୁଚିପୂର୍ଣ୍ଣ ସାଖ୍ୟଲାଭ ମୋତେ ବିମୋହିତ କରିଥିଲା । ଅନୁଷ୍ଠାନର ଶ୍ରେଣୀଗୃହ, କାର୍ଯ୍ୟାଳୟ, ପାଠାଗାର, କ୍ୟାଣ୍ଟିନ୍ ଓ ଏହାର ସବୁଜମୟ ସ୍ୱପ୍ନିଳ ପରିବେଶ ମୋତେ ମୁଗ୍ଧ କରିଦେଇଥିଲା । ମୋତେ ଲାଗିଥିଲା ଦୀର୍ଘବର୍ଷର ପ୍ରୟାସ ଓ ପ୍ରଯତ୍ନର ଏକ ଗତିଶୀଳ ଶକ୍ତି ଏହା ଭିତରେ ନିହିତ । ଏଠାରେ ଅଧ୍ୟୟନ କରୁଥିବା ଅଧିକାଂଶ ଛାତ୍ରଛାତ୍ରୀଙ୍କ ଆର୍ଥିକ ଅବସ୍ଥା ଅସ୍ୱଚ୍ଛଳ ବୋଲି ଜାଣିଲି । ଏହି ଅନୁଷ୍ଠାନର କର୍ମକର୍ତ୍ତା ସେହି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ରୂପରେଖକୁ ସ୍ୱର୍ଣ୍ଣିମ କରିବାର ଯେଉଁ ପ୍ରତିବଦ୍ଧତା ପୋଷଣ କରିଛନ୍ତି, ତାହା ସ୍ୱାଗତଯୋଗ୍ୟ । ସର୍ବୋପରି ଗୃହ ବିଜ୍ଞାନ ଛାତ୍ରୀମାନଙ୍କର ପ୍ରାକ୍ଟିକାଲ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ନାନାଦି ସ୍ୱାଦିଷ୍ଟ ବ୍ୟଞ୍ଜନ ଓ ସେସବୁର ପରିବେଷଣ କାଳରେ ସେମାନଙ୍କର ସହାସ୍ୟ ଆନ୍ତରିକତା, ଶିକ୍ଷୟିତ୍ରୀଙ୍କ ପ୍ରୋତ୍ସାହନ ଯାହାକୁ ନା କାହିଁକି ବିମୁଗ୍ଧ କରିବ ।

ଅନୁଷ୍ଠାନର ମୁଖପତ୍ର 'ଖାରବେଳ'ର ଡିଜିଟାଲ ସଂସ୍କରଣ ପ୍ରକାଶ ଅବସରରେ ମୁଁ ଏହି ଅନୁଷ୍ଠାନର ଉନ୍ନତିକଳ୍ପେ ଶିକ୍ଷାକ୍ଷେତ୍ରରେ ଏହା ବିପ୍ଳବ ସୃଷ୍ଟି କରି ନୂତନ ଯୁଗର କର୍ଣ୍ଣଧାର ହେଉ, କାଳଜୟୀ ହେଉ ଏତିକି କାମନା କରୁଛି ।

# ବୁଦ୍ଧିସ୍ଥିର



**ଡକ୍ଟର ଦେବାଶିଷ ମହାପାତ୍ର**
ପ୍ରାକ୍ତନ ପ୍ରାଧ୍ୟାପକ, ଉତ୍ତର ଆଫ୍ରିକା

ସ୍ଥିତପ୍ରଜ୍ଞ, ଅଭିଧାନରେ ଥିବା ଏହି ବିଶେଷଣ ପଦର ଅର୍ଥ, ଯାହାର ବୁଦ୍ଧି ସ୍ଥିର । ଅର୍ଥାତ୍ ଯିଏ ସୁଖ ଦୁଃଖ, ଭୟଭ୍ରାନ୍ତିରେ ସଦା ଅବିଚଳ । ସେ ଆତ୍ମ ତୁଷ୍ଟ, ନିଷ୍କାମ ଓ ବ୍ରହ୍ମନିଷ୍ଠ । ଏହାର ସ୍ତ୍ରୀଲିଙ୍ଗରେ ହୁଏ, ସ୍ଥିତପ୍ରଜ୍ଞା । ସ୍ଥଳବିଶେଷରେ କେହି କେହି ଏହାକୁ ସ୍ଥିତିପ୍ରଜ୍ଞା କହିଥା'ନ୍ତି । ସେଭଳି ଗୋଟିଏ ଅନନ୍ୟ ନାମ ଥିବା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ରୋଷେଇ ପ୍ରତିଯୋଗିତାର ବିଚାରକ ସଦ୍ ଅତିଥି ଭାବେ ଯୋଗ ଦେବାକୁ ମୋର ସାରସ୍ୱତ ବନ୍ଧୁ ଅଧ୍ୟାପିକା ସ୍ନେହଲତାଙ୍କ ଅନୁରୋଧକ୍ରମେ ସୁଯୋଗ ପାଇଥିଲି । ମୋ ସହ ସେଦିନ ମୁଖ୍ୟ ବିଚାରକ ଭାବେ ଉପସ୍ଥିତ ଥିଲେ ଓଡ଼ିଆ ଭାଷା ପ୍ରତିଷ୍ଠାନର ତତ୍କାଳୀନ ନିର୍ଦ୍ଦେଶିକା ଡକ୍ଟର ତମସାରାଣୀ ଦାସମହାପାତ୍ର । ଦେଶ ବିଦେଶରେ ବହୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଅଧ୍ୟାପନା ଓ ଆଲୋଚନା ଉଦ୍ଦେଶ୍ୟରେ ଯାଇଛି । ବିଶେଷକରି ଆଫ୍ରିକା ମହାଦେଶର ବିଶ୍ୱ ବିଦ୍ୟାଳୟରେ ଆଠବର୍ଷ କାଳ ଭାଷାତତ୍ତ୍ୱ ପଢ଼ାଇଛି । ହେଲେ, ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟର ଖାଦ୍ୟ ଉତ୍ସବରେ ଯୋଗଦେବା ଜୀବନର ପ୍ରଥମ ଘଟଣା । ଏକରେ ସାଙ୍ଗିଆ ମହାପାତ୍ର, ଦୁଇରେ ଖାଦ୍ୟପ୍ରିୟ । ଏଇ ଦୁଇ ସଂଯୋଗ ହେତୁ ବୋଧେ ବନ୍ଧୁ ସ୍ନେହ ଏହି ସୁଯୋଗଟି ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷଙ୍କ ଆତିଥ୍ୟଠୁ ଆରମ୍ଭ କରି ବିଦ୍ୟାର୍ଥୀମାନଙ୍କର ଆଗ୍ରହ ମତେ ସେଦିନ ଅଭିଭୂତ କରିଥିଲା । ସେ ସ୍ମୃତି ଅବର୍ଣ୍ଣନୀୟ । ମହାବିଦ୍ୟାଳୟର ମୁଖପତ୍ର 'ଖାରବେଳ'ର ଶୁଭେଚ୍ଛା କାମନା କରି ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ପାଇଁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ।



# ସ୍ଥିତିପ୍ରଜ୍ଞା ବିଷୟରେ ପଦେ



ହରପ୍ରସାଦ ଦାଶ

ଜାତିର ସାମଗ୍ରିକ ଉନ୍ନତି ପାଇଁ ଶିକ୍ଷା ଅପରିହାର୍ଯ୍ୟ । ଯେଉଁ ଦେଶରେ ଶିକ୍ଷାର ପ୍ରସାର ଯେତେ ଅଧିକ ସେହି ଦେଶ ସେହି ପରିମାଣରେ ପ୍ରଗତିଶୀଳ, ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ । ଶିକ୍ଷା ମଣିଷ ଜୀବନର ଅଳଙ୍କାର, ହୃଦୟର ସୁରକ୍ଷିତ କୁସୁମ, ବ୍ୟକ୍ତିତ୍ୱର ସ୍ଫୁରଣ, ପାଣ୍ଡିତ୍ୟର ବିକଶିତ ବିଭବ, ଅନ୍ଧତ୍ୱ ଓ ଅଜ୍ଞାନତାର ପରିପନ୍ଥି ଏବଂ ସର୍ବୋପରି ମାନବବାଦର ରକ୍ଷାକବଚ । ଅନ୍ୟ କଥାରେ କହିବାକୁ ଗଲେ ଯେଉଁ ଦେଶର ମାନବ ସମ୍ବଳ ଯେତିକି ବିକଶିତ ସେ ଦେଶ ସେତିକି ଉନ୍ନତ ଓ ଶିକ୍ଷା ହିଁ ମାନବ ସମ୍ବଳ ବିକାଶର ଏକ ମାତ୍ର ମାଧ୍ୟମ ।

ପ୍ରାଚୀନ ଭାରତୀୟ ଶିକ୍ଷା ମୂଲ୍ୟବୋଧ କୈନ୍ଦ୍ରିକ ଥିଲା । ତେଣୁ ତାହା ବାସ୍ତବଧର୍ମୀ ଏବଂ ଗୁଣାତ୍ମକ ହୋଇପାରିଥିଲା । ଆଧୁନିକ ଯୁଗରେ ଶିକ୍ଷା ମୂଲ୍ୟବୋଧ କୈନ୍ଦ୍ରିକ ନୁହେଁ, ଯାହାକି ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ, ସୁସଙ୍ଗଠିତ ଏବଂ ସୁନିୟନ୍ତ୍ରିତ କରିପାରୁ ନାହିଁ । ତେଣୁ ଆଧୁନିକ ଶିକ୍ଷା ପଦ୍ଧତିକୁ ପ୍ରାଚୀନ ଭାରତୀୟ ଶିକ୍ଷା ଢଙ୍ଗରେ ପରିମାର୍ଜିତ କରିବା ଉଚିତ । ଯାହାର କି ଅନନ୍ୟ ଉଦାହରଣ ହେଲା **"ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ"** ସ୍ୱାମୀ ବିବେକାନନ୍ଦ କହିଛନ୍ତି, "Education is the manifestation of the perfection already in man." ଅର୍ଥାତ୍ ମଣିଷର ଅନ୍ତରତମ ସତ୍ତାର ବିକାଶ ହିଁ ହେଲା ଶିକ୍ଷାର ଉଦ୍ଦେଶ୍ୟ । ତେଣୁ ଶରୀର, ମନ, ବୁଦ୍ଧି ଓ ଜ୍ଞାନର ସମ୍ପୂର୍ଣ୍ଣ ବିକାଶ ଘଟିଲେ ମଣିଷ ପୂର୍ଣ୍ଣତା ପ୍ରାପ୍ତି କରେ । ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ତାଙ୍କ ବାଣୀରେ ସ୍ପଷ୍ଟ କରିଛନ୍ତି –

"ଲେଖା ପଢ଼ାରେ ଦକ୍ଷ ହେଲେ ହିଁ
ଶିକ୍ଷା ତାକୁ କୁ ହେବ ।
ଅଭ୍ୟାସ ବ୍ୟବହାର ସହଜ ଜ୍ଞାନ
ନହେଲେ ଶିକ୍ଷା ହୁଏନା ।"

ଆଜିର ସମାଜ ବିପଥଗାମୀ ହେବାର ଅନ୍ୟ ଏକ ଦିଗ ହେଉଛି ଯୁବ ସମାଜ ଦିଶାହରା । ଯୁବ ସମାଜ ହିଁ ଅସୀମ ଶକ୍ତି, ଅନନ୍ତ ସମ୍ଭାବନା ଓ ପ୍ରତିଶୃତିର ଭଣ୍ଡାର । ତେଣୁ ସେମାନଙ୍କୁ ଉଚିତ୍ ମାର୍ଗରେ ଅଗ୍ରସର କରିବା ଲାଗି ଶିକ୍ଷାର ପ୍ରମୁଖ ଭୂମିକା ରହିଛି । ଯାହାର କି ଜ୍ୱଳନ୍ତ ଉଦାହରଣ ହେଲା – "ସ୍ଥିତିପ୍ରଜ୍ଞା ହାଇଅର ସେକେଣ୍ଡାରୀ ସ୍କୁଲ ।"

ଏତଦ୍‌ବ୍ୟତୀତ ଏହି ଶିକ୍ଷାନୁଷ୍ଠାନରେ ଉତ୍ତୀର୍ଣ୍ଣ ହାର ଓ ସଫଳତା ବହୁତ ଆଗରେ । ତାହାଛଡ଼ା ଏଠାକାର ବାତାବରଣ ଏକ ନିଆରା ସଦୃଶ । ଏହି ବାତାବରଣର ସ୍ୱତନ୍ତ୍ରତା ଏପରିକି ଯେ ଲିମ୍ବବତ ପ୍ରତୀୟମାନ ହେଉଥିା ଛାତ୍ର ସତେ ଯେପରି ଏଠାରେ ଚଳନତ୍ୱ ପ୍ରାପ୍ତି କରେ । ତେଣୁ ଆଚାର୍ଯ୍ୟ ଚାଣକ୍ୟଙ୍କ ଭାଷାରେ –

"ଶୈଳେ ଶୈଳେ ନ ମାଣିକ୍ୟଂ
ମୌକ୍ତିକଂ ନ ପଦେପଦେ
ସାଧବୋ ନହି ସର୍ବତ୍ର
ଚନ୍ଦନଂ ନ ବନେ ବନେ ।"

ସର୍ବୋପରି ଏହି ଶିକ୍ଷାନୁଷ୍ଠାନରେ କେବଳ ପୋଥିଗତ ବିଦ୍ୟା ଅଧ୍ୟୟନ କରାଯାଏ ନାହିଁ, ତତ୍‌ସହିତ ଛାତ୍ରଛାତ୍ରୀମାନଙ୍କର ଅନ୍ତରତମ ସତ୍ତାର ବିକାଶ କିପରି ଘଟିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଥାଏ । ଛାତ୍ରଛାତ୍ରୀମାନେ କିପରି ଚରିତ୍ରବାନ, ଶୃଙ୍ଖଳିତ ହୋଇପାରିବେ ସେଥିପ୍ରତି ଲକ୍ଷ୍ୟ ରଖାଯାଇଥାଏ । ଏହା ପ୍ରାଚୀନ ଯୁଗର ଗୁରୁକୂଳଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ଦ୍ୱିମତ ହେବାର କୌଣସି କାରଣ ନାହିଁ ।



# ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟ

## ଏକ ବିହଙ୍ଗାବଲୋକନ



**ମହମ୍ମଦ କମରୁଲ୍ ହୁସେନ**
ଅଧିବକ୍ତା
ପରିଚାଳନା କମିଟି ସଭ୍ୟ

ସକାଳୁ ସକାଳୁ ଏକ ଦୁଃସମ୍ବାଦ । ଜଣେ ବନ୍ଧୁ ମୋତେ ଫୋନ ଯୋଗେ ଜଣାଇଲେ ଯେ, ଅଧ୍ୟାପକ ରମାକାନ୍ତ ମିଶ୍ରଙ୍କର ଝିଅର ଏକ ଆକସ୍ମିକ ଦୁର୍ଘଟଣାକ୍ରମେ ମୃତ୍ୟୁ ଘଟିଛି । ରମାକାନ୍ତ ମିଶ୍ରଙ୍କୁ ମୋର ଅଗ୍ରଜ ଭଳି । ମୁଁ ଯଥେଷ୍ଟ ସମ୍ମାନ ଦେଇଥାଏ । ସେ ମୋର ଜଣେ ଉତ୍ତମ ଶୁଭାକାଂକ୍ଷି, ବନ୍ଧୁ ଓ ଦିଗ୍‌ଦର୍ଶକ ମଧ୍ୟ । ଏପରି ଏକ ଦୁଃସମ୍ବାଦଶୁଣି ମୁଁ ବିଶ୍ୱାସ କରି ପାରିଲି ନାହିଁ ଓ ମୋର ସାହସ ମଧ୍ୟ ହେଲା ନାହିଁ ସିଧା ତାଙ୍କୁ ପଚାରିବାକୁ । ଦୁଇତିନି ଜାଗା ଫୋନକରି ଖବରର ସତ୍ୟାସତ୍ୟ ଜାଣିଲେ ଏବଂ ତା'ପରେ ତାଙ୍କ ଘରକୁ ସମବେଦନା ଜଣାଇବାକୁ ପହଞ୍ଚିଲି । ରମାକାନ୍ତ ବାବୁଙ୍କର ଆଖିରୁ ଧାର ଧାର ଲୁହ ଝରୁଥାଏ । ଅନେକ ବନ୍ଧୁବାନ୍ଧବମାନେ ପହଞ୍ଚି ଶୋକରେ ମ୍ରିୟମାଣ ହୋଇଥିଲେ ଓ ରମାକାନ୍ତ ବାବୁଙ୍କୁ ଶାନ୍ତ୍ୱନା ଦେଉଥିଲେ । ମୁଁ ମଧ୍ୟ ଅବାକ ହୋଇ ବସିଗଲି । ରମାକାନ୍ତ ବାବୁଙ୍କର ସେ ଅତି ଅଲିଅଳି ଝିଅ ଓ ତା'ର ନାଁ ସ୍ଥିତିପ୍ରଜ୍ଞା ବୋଲି ଜାଣିଲି । ପରିବାରର ନିୟନ୍ତ୍ରଣ ଯୋଜନାରେ ଅପରେସନ୍ ହୋଇଥିଲେ ମଧ୍ୟ ତା'ର ଜନ୍ମ, ଯେମିତି ଭଗବାନଙ୍କର ଏକ ଖେଳନାଟି ପାଇ କୃତ୍ୟ କୃତ୍ୟ ହେଉଥିଲେ । ଏହା ଥିଲା ରମାକାନ୍ତ ବାବୁ ଓ ତାଙ୍କ ପରିବାରର ଏକ ସୁଖଦଚିତ୍ର । ରମାକାନ୍ତ ବାବୁଙ୍କର ସେ କେବଳ ଅତି ଅଲିଅଳୀ ଝିଅ ନ ଥିଲା ବରଂ ତାଙ୍କର ଏକ ଘନିଷ୍ଠ ବନ୍ଧୁ ହୋଇଯାଇଥିଲା ଯାହା ସହିତ ସେ ନିଜର ଭଲ ମନ୍ଦ, ଦୁଃଖ ସୁଖ ବାଣ୍ଟୁଥିଲେ । ସବୁ ଠିକ୍‌ଠାକ୍ ଚାଲିଥିଲା । ହଠାତ୍ ଏପରି ଏକ ଘଟଣା ସମସ୍ତଙ୍କୁ ମର୍ମାହତ କରିଦେଲା । ଶୋକ ସନ୍ତପ୍ତ ପରିବାର ହତବାକ୍ ହୋଇ କେବଳ ଲୁହ ଗଡ଼ାଇବା ଛଡ଼ା ଆଉ କିଛି କରିବାର ନଥିଲା । ଯେତିକି ଯାହା ସାନ୍ତ୍ୱନା ଘରକୁ ଦେଇ ଫେରିଲି ।

ଅନେକ ଦିନର ବ୍ୟବଧାନ । ଚଳଚଞ୍ଚଳ ରମାକାନ୍ତ ବାବୁଙ୍କର କୌଣସିଠାରେ ଦେଖା ସାକ୍ଷାତ ମଧ୍ୟ ହେଲା ନାହିଁ । ବୋଧହୁଏ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲେ । ହଠାତ୍ ଦିନେ ଆମ ଘରକୁ ରମାକାନ୍ତ ବାବୁ ଆସି ପହଞ୍ଚିଲେ । ଦୁଃଖ ସୁଖ କଥାବାର୍ତ୍ତା ହେବାପରେ ସେ ତାଙ୍କର ସେହି ଅଲିଅଳି ଝିଅ ସ୍ଥିତିପ୍ରଜ୍ଞା ନାମରେ ଏକ ମହାବିଦ୍ୟାଳୟ ଖୋଲୁଥିବାର ନିଷ୍ପତ୍ତି ଜଣାଇଲେ । ଏହିଥିରୁ ଜଣାପଡ଼େ ରମାକାନ୍ତ ବାବୁଙ୍କର ଝିଅଟି

ପ୍ରତି କେତେ ସ୍ନେହ, ଶ୍ରଦ୍ଧା ଓ ଅନୁରାଗ ରହିଥିଲା । ସତେ ଯେପରି ସେ କହୁଥିଲେ, "ମୋ ଝିଅର ମୃତ୍ୟୁ ହୋଇ ନାହିଁ । କାହା ସକାଶେ ସେ ମୃତ ହୋଇପାରେ ମୋ ପାଇଁ ନୁହେଁ, ସେ ବଞ୍ଚିଛି, ବଞ୍ଚିବ ଓ ଏହି ମହାବିଦ୍ୟାଳୟରେ ତା'ର ଆଶା ରହି ନାରୀ ସଶକ୍ତିକରଣ ପାଇଁ କାମ କରିବ, ଆଉ ବଞ୍ଚିବା ପର୍ଯ୍ୟନ୍ତ ତା'ର ସମସ୍ତ ପ୍ରକାରର ସୁବିଧା ଅସୁବିଧାର ବୁଝସୁଝ କରୁଥିବି ଯେମିତି ଜିବିତାବସ୍ଥାରେ କରୁଥିଲି । ଏହିପରି ଭାବରେ ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟ ଉତ୍ପତ୍ତି ହେଲା । ମୁଁ କିଛି କହିବା ପୂର୍ବରୁ ମୋତେ କାର୍ଯ୍ୟକାରୀ କମିଟିର ଏକ ସଦସ୍ୟ ରୂପେ ମନୋନିତ କରିଦେଲେ । ତା'ପରେ ରମାକାନ୍ତ ବାବୁ ଆଉ ପଛକୁ ଚାହିଁନାହାନ୍ତି । ମହାବିଦ୍ୟାଳୟ ଉତ୍ତରୋତ୍ତର ଉନ୍ନତି ପଇଁ ଲାଗି ପଡ଼ିଲେ । ମହାବିଦ୍ୟାଳୟ ଇତି ମଧ୍ୟରେ ଅନେକ ଉତ୍‌ଥାନ ପତନ ଦେଇ ଗତି କରିଛି, ରମାକାନ୍ତ ବାବୁ କିନ୍ତୁ ଧର୍ଯ୍ୟର ସହିତ ସମସ୍ତ ସମସ୍ୟାର ସାମ୍ନା କରି ମହାବିଦ୍ୟାଳୟଟିକୁ ଗଢ଼ି ତୋଳିବାରେ ନିଜର ଜୀବିତାବସ୍ଥାରେ ସଫଳ ହୋଇଥିଲେ । ରମାକାନ୍ତ ବାବୁଙ୍କ ସ୍ୱପ୍ନ ସାକାର ହୋଇଛି । ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟ ବର୍ତ୍ତମାନ ସମ୍ପୂର୍ଣ୍ଣ ସକ୍ଷମ ହୋଇ ନାରୀ ସଶକ୍ତିକରଣ ଦିଗରେ ଶିକ୍ଷାଦାନ କରୁଛି ।

ବର୍ତ୍ତମାନ ରମାକାନ୍ତ ବାବୁଙ୍କର ବିୟୋଗପରେ ତାଙ୍କର ସୁଯୋଗ୍ୟ ପୁତ୍ର ଆଇନ୍‌ଜୀବୀ ଆପ୍ତକାମ ମିଶ୍ର ମହାବିଦ୍ୟାଳୟର ସମସ୍ତ ଦାୟିତ୍ୱ ବହନ କରି ବାପାଙ୍କର ସ୍ୱପ୍ନ ସାକାର କରିବା ପାଇଁ ଲାଗିପଡ଼ିଛି । ଆପ୍ତକାମଙ୍କ ନେତୃତ୍ୱରେ ମହାବିଦ୍ୟାଳୟଟିର ଯଥେଷ୍ଟ ଉନ୍ନତୀମୂଳକ କାର୍ଯ୍ୟମାନ କରାଯାଉଛି ଫଳରେ ଏହା ଏକ ସୁନାଧନ୍ୟ ମହାବିଦ୍ୟାଳୟରେ ପରିଣତ ହୋଇଛି । ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟ ଆହୁରି ଅଭିବୃଦ୍ଧି ଓ ସ୍ଥିତିପ୍ରଜ୍ଞାର ଆତ୍ମା ତଥା ରମାକାନ୍ତ ମିଶ୍ରଙ୍କର ଅମରଆତ୍ମାର ସଦ୍‌ଗତି ହେଉ, ଏତିକି କାମନା ।



# ତୁମେ ତୁମର ସଫଳତା ପାଇଁ ନିଜକୁ ବାହାଦୁରି ଦେଉଛ କି !



**ମୋହିତ କୁମାର ରାୟ**
ଇତିହାସ ଅଧ୍ୟାପକ
ବିଜୁ ପଟ୍ଟନାୟକ (ସମ୍ମାନ) ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟ

"ତୁମ ସଫଳତାର ପ୍ରାପ୍ୟ କେବଳ ତୁମ ଚେଷ୍ଟାର ଶ୍ରେୟ ନୁହେଁ, ଏହାସହ ଅନ୍ୟ କେତେକ ଉପାଦାନର ସମନ୍ୱୟ ମାତ୍ର ।"

କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ଶୀର୍ଷରେ ଉପନୀତ ଥିଲା ଯେତେବେଳେ କର୍ଣ୍ଣ ଓ ଅର୍ଜ୍ଜୁନ, ଦୁଇ ଶ୍ରେଷ୍ଠ ଧନୁର୍ଦ୍ଧାରୀ ନିଜ ମଧ୍ୟରେ ଦ୍ୱନ୍ଦରେ ବ୍ୟସ୍ତ ଥିଲେ । ଦେବଗଣ ସାକ୍ଷ୍ୟ ଥିଲେ, ଯେତେବେଳେ ଏହି ଦୁଇ ଯୋଦ୍ଧା ପରସ୍ପର ବିରୁଦ୍ଧରେ ତୀର ସନ୍ଧାନ କରୁଥିଲେ । ଅର୍ଜ୍ଜୁନ ବାଣ ସନ୍ଧାନ କଲାବେଳେ, ବାଣର ପ୍ରଭାବ ଏତେ ପଅଚଣ୍ଡ ଥିଲା ଯେ, କର୍ଣ୍ଣଙ୍କ ରଥ ୨୫-୩୦ ଫୁଟ ପଛକୁ ଘୁଞ୍ଚିଯାଉଥିଲା । ଅର୍ଜ୍ଜୁନଙ୍କ୍ ଏପରି ଦକ୍ଷତାରେ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ପ୍ରତ୍ୟେକଟି ସଦସ୍ୟଙ୍କୁ ଆଚମ୍ବିତ କରିଥିଲା । କର୍ଣ୍ଣ ମଧ୍ୟ କିଛି କମ୍ ଯୋଦ୍ଧା ନଥିଲେ । ତାଙ୍କ ବାଣ ମାଡ଼ରେ ଅର୍ଜ୍ଜୁନଙ୍କ ରଥ ୩-୪ ଫୁଟ ପଛକୁ ଘୁଞ୍ଚିଯାଉଥିଲା । ଏହି ଦ୍ୱନ୍ଦନରେ ଭଗବାନ ଶ୍ରୀକୃଷ୍ଣ କର୍ଣ୍ଣଙ୍କ ଦକ୍ଷତାକୁ ପ୍ରତ୍ୟେକଟି ଥର ବିମୁଗ୍ଧ ହୋଇ ପ୍ରଶଂସା ମୁଖର ହେଉଥିଲେ ଯେତେବେଳେ ତାଙ୍କ ବାଣ ଅର୍ଜ୍ଜୁନଙ୍କ ରଥକୁ ଆଘାତ କରୁଥିଲା । କିନ୍ତୁ ଏଥିପାଇଁ ଅର୍ଜ୍ଜୁନଙ୍କ ଅଦ୍ଭୁତ ପରାକ୍ରମକୁ ଥରୁଟିଏ ବି ପ୍ରଂଶସା କରୁନଥିଲେ ଯାହା, ଅର୍ଜ୍ଜୁନଙ୍କୁ ଅତ୍ୟନ୍ତ ମର୍ମାହତ କରୁଥିଲେ ।

ଉକ୍ତ ଯୁଦ୍ଧ ସମାପ୍ତି ପରେ ସମସ୍ତେ ନିଜ ନିଜର ସୈନ୍ୟ ଶିବିରକୁ ପ୍ରତ୍ୟାବର୍ତ୍ତନ କଲେ । ପାଣ୍ଡବ ଶିବିରରେ ସମସ୍ତେ ଆସନ୍ତା କାଲିର ଯୁଦ୍ଧ ବିଷୟରେ ଆଲୋଚନା କରୁଥିଲାବେଳେ, ଅର୍ଜ୍ଜୁନ, ସଖା ଶ୍ରୀକୃଷ୍ଣଙ୍କୁ ପଚାରିଲେ, "ପ୍ରଭୁ, ମୋ ତୀର ମାଡ଼ରେ କର୍ଣ୍ଣଙ୍କ ରଥ ପବନରେ ତୁଳାପରି ଉଡ଼ିଯାଉଥିଲାବେଳେ, ମୋତେ ମୋ ପରାକ୍ରମ ପାଇଁ ଥରୁଟିଏ ବି ପ୍ରଶଂସା କଲେ ନାହିଁ । ପରନ୍ତୁ ମୋ ଆଗରେ କର୍ଣ୍ଣଙ୍କ ସାମାନ୍ୟ କାର୍ଯ୍ୟ ପାଇଁ ପସନ୍ଦ କରୁଥିଲେ !"

ଶ୍ରୀକୃଷ୍ଣ ସ୍ମିତହାସ୍ୟ କରି କହିଲେ, "ହେ ଅର୍ଜ୍ଜୁନ, ସ୍ମରଣ କର ତୁମ ରଥର ଉପରିଭାଗ ଧ୍ୱଜା ମାଧ୍ୟମରେ ହନୁମାନଙ୍କ ଦ୍ୱାରା ସୁରକ୍ଷିତ ଅଛି । ତୁମ ରଥର ସାରଥୀ ଭାବେ ମୁଁ ତୁମକୁ ତଥା ତୁମ ରଥକୁ ସମ୍ମୁଖ ଭାଗରୁ ସୁରକ୍ଷା ପ୍ରଦାନ କରୁଛି ଏବଂ ଶେଷନାଗ ତୁମ ରଥର ଚକରେ ଅବସ୍ଥାନ କରି ତୁମ ରଥର ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଏତେ ଜଣଙ୍କ ଶକ୍ତି ତୁମ ରଥରେ ଅବସ୍ଥାନ କଲାପରେ ବି କର୍ଣ୍ଣଙ୍କ ବାଣର ମାଡ଼ରେ ରଥ ପଛକୁ ଘୁଞ୍ଚି ଯାଇପାରିଛି । କିନ୍ତୁ କର୍ଣ୍ଣଙ୍କ ରଥ କୌଣସି ବାହ୍ୟଶକ୍ତି ଦ୍ୱାରା ସୁରକ୍ଷିତ ନୁହେଁ । ସେ ନିଜସ୍ୱ ପରାକ୍ରମ ଦ୍ୱାରା ଯୁଦ୍ଧ କୌଶଳ ପ୍ରଦର୍ଶନ କରୁଥିଲେ ।

ଏଠାରେ ସ୍ମରଣ କରାଯାଇପାରେ ଯେ, କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ସମାପ୍ତି ପରେ ଅର୍ଜ୍ଜୁନ ରଥରୁ ନ ଓହ୍ଲାଇବା ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ରଥରୁଢ଼ା ଥିଲେ । ଅର୍ଜ୍ଜୁନ ରଥରୁ ଓହ୍ଲାଇବା ପରେ ଶ୍ରୀକୃଷ୍ଣ ତଳକୁ ଓହ୍ଲାଇବା କ୍ଷଣି ରଥରେ ଅଗ୍ନି ସଞ୍ଚାର ହୋଇ ଧୂଳିସାତ ହୋଇଯାଇଥିଲା । କୃଷ୍ଣ କହିଲେ, ହେ ଅର୍ଜ୍ଜୁନ, କର୍ଣ୍ଣଙ୍କ ପ୍ରଚଣ୍ଡ ବାଣ ମାଡ଼ରେ ତୁମ ରଥ ବହୁପୂର୍ବରୁ ଧ୍ୱଂସ ହୋଇସାରିଛି । ମୁଁ ଏହାକୁ ସୁରକ୍ଷା ପ୍ରଦାନ କରୁଥିଲି । ତୁମେ କେବେବି ଗର୍ବ କରିବ ନାହିଁ ତୁମ ଜୀବନରେ ତୁମେ ବହୁତ କିଛି ପରାକାଷ୍ଠା ପ୍ରଦର୍ଶନ କରିଛି ବୋଲି । ଯାହା କରିଛ, ଈଶ୍ୱରଙ୍କ ନିର୍ଦ୍ଦେଶରେ ତଥା ଇଚ୍ଛାରେ ଈଶ୍ୱରଙ୍କ ହସ୍ତକ୍ଷେପ ଯୋଗୁଁ ତୁମେ ଆଜି ସୁରକ୍ଷିତ । ସେ ତୁମକୁ ଅପୂର୍ବ ସୁଯୋଗ ପ୍ରଦାନ କରି ପ୍ରତିଷ୍ଠିତ କରିପାରିଛନ୍ତି ।"



# ଜାତୀୟ ସେବା ଯୋଜନା ଓ ଛାତ୍ରଛାତ୍ରୀମାନଙ୍କର ଭୂମିକା



କ୍ଷୀରୋଦୀନି ବେହେରା

କବି ଉତ୍କଳମଣି ଗୋପବନ୍ଧୁଙ୍କ ମତରେ -

କାପୁରୁଷ ପରି ମରିବା ଜଗତେ

ନୁହେଁ ନର ପଉରୁଷ,

ପରହିତ ସାଧି ମରେ ଯେ ମହିରେ

ସେ ହିଁ ଏକା ସୁପୁରୁଷ ।

ଏଥିରୁ ସ୍ପଷ୍ଟ ପରିଲକ୍ଷିତ ହୁଏ ପ୍ରତ୍ୟେକ ବ୍ୟକ୍ତି ନାରୀ, ପୁରୁଷ, ଛାତ୍ରଛାତ୍ରୀ ସମସ୍ତ ପରର ଉପକାର କରିବା ସହିତ ଲୋକମାନଙ୍କୁ ସେବା କରିବା ମନୁଷ୍ୟ ଜନ୍ମର ପରମ ଧର୍ମ ଅଟେ । ତେଣୁ କୁହାଯାଏ, "ମାନବ ସେବା ହିଁ ମାଧବ ସେବା ।" ଆମ ସଂସ୍କୃତିରେ ବି କୁହାଯାଇଛି ସେବା ପରମ ଧର୍ମ, ପୁନଶ୍ଚ "ପରୋପକାରାୟ ସ୍ୱର୍ଗୀୟ, ପାପାୟ ପରପୀଡ଼ବ ।" ତେଣୁ ପରର ଉପକାର କରିଲେ ମନୁଷ୍ୟ ସ୍ୱର୍ଗକୁ ଯାଏ ଏବଂ ଆତ୍ମା ତୃପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ ।

ବର୍ତ୍ତମାନର ଯୁଗ ବୈଜ୍ଞାନିକ ଯୁଗ, କମ୍ପ୍ୟୁଟର ଯୁଗ, ଆଧୁନିକ ଯୁଗ । ତେଣୁ ଏ ଯୁଗରେ ସାମାଜିକ ପରିବର୍ତ୍ତନ ଯେଉଁଳି ଭାବରେ ଦ୍ରୁତ ଗତିରେ ହେଉଛି ତାହା ସହିତ ମଣିଷକୁ ଖାପଖୁଆଇ ଚାଲିବା କାଠିକର ପାଠ । ଆଜିର ଯୁଗରେ ସମାଜରେ ବାସ କରି ମଣିଷ ଯେଉଁ ସବୁ ବିଷୟରେ ଅବଗତ ହୁଏ ତାହା ହିଁ ଶିକ୍ଷା ବୋଲି ଆମେ କହିଥାଉ । ଶିକ୍ଷାର ଯେତେ ପ୍ରଚାର ପ୍ରସାର ବଢ଼ି ବଢ଼ି ଯାଉଛି ମଣିଷର ଦାୟିତ୍ୱ ମଧ ସେତେ ଅଧିକ ବଢ଼ି ବଢ଼ି ଯାଉଛି । ଆଜି ସମଗ୍ର ଦେଶରେ ବିଭିନ୍ନ ପ୍ରକାର ସମସ୍ୟା ବଢ଼ିବାରୁ ଏ ନେଇ ସମସ୍ତଙ୍କର ଚିନ୍ତା ବଢ଼ି ଯାଇଛି । ତେଣୁ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସମାଧାନ କରି ମନୁଷ୍ୟ ସୃଷ୍ଟ କରିଛି ଏକ ଅଖଣ୍ଡ ରାଷ୍ଟ୍ର । ରାଷ୍ଟ୍ର ଦ୍ୱାରା ନିଜର ସ୍ୱାଧୀନ ମତ ଏବଂ ମିଳିତ ଇଚ୍ଛା ଶକ୍ତିର ଏକ ମିଳିତ ଯୋଜନା କରି ଲୋକମାନଙ୍କ ନିକଟରେ ପହଞ୍ଚି ପାରିବ ଯାହାକି ସେମାନଙ୍କ ପାଇଁ ଏକ ଅଭିନ୍ନ । ତେଣୁ ଦେଶର ମଙ୍ଗଳ କାର୍ଯ୍ୟକ୍ରମ ଲୋକମାନଙ୍କ ପାଖରେ ପହଞ୍ଚାଇବା ଏକମାତ୍ର ମାଧ୍ୟମ ଶିକ୍ଷା ଏବଂ ସେବା । ସେଇଥିପାଇଁ

ଭାରତ ସରାକର ଜାତିର ପିତା ମହାତ୍ମାଗାନ୍ଧୀଙ୍କର ଶତବାର୍ଷିକ ଜନ୍ମ ପୂର୍ତ୍ତି ଅବସର ତଥା ୧୯୬୯ ମସିହାରେ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠିତ କରାଯାଇଥିଲା ଜାତୀୟ ସେବା ଯୋଜନା ବା NSS । ସେହି ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭିକେ. ଭି. ରାଓଙ୍କ ଦ୍ୱାରା ବସବାସ ସମୁଦାୟ ୩୭ ଗୋଟି ମହାବିଦ୍ୟାଳୟକୁ ନେଇ ଏହି ଯୋଜନା ଆରମ୍ଭ କରାଯାଇଥିଲା । ସାଧାରଣତଃ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବସବାସ କରୁଥିବା ଲୋକମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ଏବଂ ନିଜର ବ୍ୟକ୍ତିତ୍ୱ ଓ ବିକାଶ କରିବା ସହିତ ସମାଜ ପ୍ରତି ଥିବା ନିଜର ଦାୟିତ୍ୱ ସମ୍ପାଦନ କରିବା ପାଇଁ ଜାତୀୟ ସେବା ଯୋଜନା (National Service Scheme) ଆରମ୍ଭ କରାଯାଇଥିଲା ।

ଜାତୀୟ ସେବା ଯୋଜନାର ଅର୍ଥ ମୋ ପାଇଁ ନୁହଁ, ଆପଣମାନଙ୍କ ପାଇଁ ଅର୍ଥାତ୍ ସମଗ୍ର ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ । କାରଣ ସେମାନେ ଦେଶର ଭବିଷ୍ୟତ, ମେରୁଦଣ୍ଡ ଅଟନ୍ତି । ତେଣୁ ଜାତୀୟ ସେବା ଯୋଜନା ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ସେବା ଶିବିର କରାଯାଏ । ଏହାର ମୂଳମନ୍ତ୍ର "ଗୋଷ୍ଠୀ ମାଧ୍ୟମରେ ବ୍ୟକ୍ତିତ୍ୱର ବିକାଶ କରିବା ।" ବିଶ୍ୱପ୍ରସିଦ୍ଧ କୋଣାର୍କ ଚକ୍ର ଏହାର ସଂକେତ । ଏହା ଲୋକମାନଙ୍କୁ ସୂଚାଏ ଯେ ଜାତୀୟ ସେବା ଯୋଜନାରେ ସ୍ୱେଚ୍ଛାସେବୀମାନେ ୨୪ ଘଣ୍ଟା ଜାଗ୍ରତ ଏବଂ ସକ୍ରିୟ ଉତ୍ସାହିତ ଏବଂ ଶକ୍ତିଶାଳୀ । ୨୪ ଘଣ୍ଟା ଅନ୍ୟର ସେବା, ଉପକାର କରିବା ପାଇଁ ମଧ୍ୟ ପ୍ରସ୍ତୁତ । ଆଜି ସମଗ୍ର ଭାରତ ବର୍ଷରେ ଏହି ଯୋଜନାରେ ପ୍ରାୟ ୪୦ ଲକ୍ଷ ସ୍ୱେଚ୍ଛାସେବୀ ସାମିଲ ବୋଲି ଆକଳନ କରାଯାଏ । ଜାତୀୟ ସେବା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗ୍ରାମାଞ୍ଚଳରେ ଶିବିର ବ୍ୟବସ୍ଥା କରି ରାଲି ମାଧ୍ୟମରେ ହେଉ କିମ୍ବା ସଭାସମିତି ଆୟୋଜନ କରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛ ଭାରତ ଅଭିଯାନ, ବୃକ୍ଷ ରୋପଣ, ନିଶା ନିବାରଣ, ଜଙ୍ଗଲ ସୁରକ୍ଷା, ନାରୀ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ସଡ଼କ ସୁରକ୍ଷା, ନାରୀ ଶିକ୍ଷା, କନ୍ୟା ଭ୍ରୁଣ ହତ୍ୟା, ଯୌତୁକ ନିର୍ଯ୍ୟାତନା ଇତ୍ୟାଦି ଲୋକମାନଙ୍କୁ ସଚେତନ କରାଇ ସୁସମାଜ ଗଠନ କରିବା ପାଇଁ ପ୍ରୋତ୍ସାହିତ କରିଥାନ୍ତି । ତେଣୁ ଆଜିର ଯୁବ ମାନସରୁ ଯଦି ଐଶ୍ୱରୀକ ମାନଭାବନାର ଚେତନା ଜାଗ୍ରତ ହୁଏ ତେବେ ଅନ୍ୟାୟ, ଅତ୍ୟାଚାର, ଅନ୍ଧବିଶ୍ୱାସ, କୁସଂସ୍କାର, ଅଧର୍ମ, ପଶୁବଳି, ନରହତ୍ୟା ଲୋପ ପାଇ ନୂଆ ସୁସମାଜ ଗଠନ କରିବାରେ ଜନ୍ମ ନିଏ । ଠିକ୍ ସେହିଭଳି ଛାତ୍ରଛାତ୍ରୀମାନେ ଯଦି ବ୍ରହ୍ମଚାରୀ ତଥା ଈଶ୍ୱରୀ ବିଶ୍ୱାସ ହେବେ ତେବେ ସମାଜର ଅନେକ ସମସ୍ୟା ବ୍ୟକ୍ତିଗତ, ପାରବାରିକ ହିଂସା, ଜାତିପ୍ରଥା ବିଲୋପ ହେବା ସହ ଗ୍ରାମ ତଥା ସହର ଓ ସାମାଜିକ

ସମସ୍ୟାର ସମାଧାନ ହୋଇ ରାମ ରାଜ୍ୟରେ ପ୍ରତିଷ୍ଠିତ ହୋଇପାରିବ ଏବଂ ଧର୍ମ, ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠା ହେବ । ଏଣୁ ଛାତ୍ରଛାତ୍ରୀ ସମାଜ ଦେଶର ଭବିଷ୍ୟତ, ଜଣେ ଜଣେ ତେଜିୟାନ ନାଗରିକ । ଦେଶର ପ୍ରଗତି ଓ ଐକ ଛାତ୍ରଛାତ୍ରୀମାନଙ୍କ ଉପରେ ନିର୍ଭର କରେ । ଛାତ୍ରଛାତ୍ରୀମାନେ ନିଜେ ସଚେତନ ହେବା ସହିତ ଲୋକମାନଙ୍କୁ ସଚେତନ କରାଇ ଅଖଣ୍ଡ ଭାରତ ଦେଶକୁ ମଜଭୁତ କରି ବିଶ୍ୱରେ ନିଜର ଆଧିପତ୍ୟ ବିସ୍ତାର କରିପାରିବ । ତେଣୁ କଥାରେ ଅଛି ଯେଉଁ ଦେଶରେ ନାଗରିକ ଯେତେ ଶିକ୍ଷିତ, ସଚେତନ ସେ ଦେଶ ସେତେ ସମୃଦ୍ଧ । ଇଂରାଜୀରେ ପଦେସମସ୍ତଙ୍କ ପାଇଁ "Simple living, high thinking" ରହିଲେ ଆମେ ସୁସ୍ଥ ସମାଜ ଏବଂ ସମୃଦ୍ଧ ରାଷ୍ଟ୍ର ଗଠନ କରି ପାରିବା ବୋଲି ଆଶା କରାଯାଏ ।






# ଗ୍ରାମ ସଭା ସଶକ୍ତୀକରଣ ଓ ତୃଣମୂଳ ଗଣତନ୍ତ୍ର



ସ୍ୱାଧୀନ ଶେଖର ଷଡ଼ଙ୍ଗୀ
ପ୍ରାକ୍ତନ ଅଧ୍ୟାପକ

ଆବ୍ରାହମ ଲିଙ୍କନ୍‌ଙ୍କ ଗଣତନ୍ତ୍ର, ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ତତ୍ତ୍ୱକୁ ଆଲୋଚନା କଲେ ଏହାର ଗୁରୁତ୍ୱ ଉପଲବ୍ଧି କରାଯାଇଥାଏ । ଗଣତନ୍ତ୍ର ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା ଅଟେ । ଭାରତର ପ୍ରତିନିଧିମୂଳକ ଗଣତନ୍ତ୍ର ଶାସନ ପୃଥିବୀର ଅଧିକାଂଶ ଗଣତନ୍ତ୍ର ଶାସନ ମଧ୍ୟରୁ ବୃହତ୍ତମ ଶାସନ ବ୍ୟବସ୍ଥା ରୂପେ ପରିଗଣିତ ହୋଇଅଛି । ବହୁଧର୍ମ, ବହୁ ଭାଷା, ଜାତି, ଗୋଷ୍ଠୀ ଓ ଚଳଣି ବିଶିଷ୍ଟ ଭାରତୀୟ ଗଣତନ୍ତ୍ରରେ "ବିବିଧତା ମଧ୍ୟରେ ଏକତା ସଂସ୍କୃତି" ପାଇଁ ପୃଥିବୀରେ ଅଦ୍ୱିତୀୟ ହୋଇଅଛି । ଶାସନର ସୁବିଧା ଏବଂ ସାଧାରଣ ଜନତାର ମୌଳିକ ଆବଶ୍ୟକତା ପୂରଣ ପାଇଁ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥା ଆମ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରୁଅଛି । ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣ ଦ୍ୱାରା ପଞ୍ଚାୟତିରାଜ ମାଧ୍ୟମରେ ସଂଗଠିତ ବ୍ୟବସ୍ଥା ଯାହା ମହାତ୍ମାଗାନ୍ଧୀଙ୍କର ସ୍ୱପ୍ନର ଭାରତ ଥିଲା ତାହା ଆଜି ୭୩ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ଗ୍ରାମାଞ୍ଚଳରେ ପ୍ରତିଫଳିତ ହୋଇଅଛି । ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ନିମ୍ନସୋପାନରେ ଥିବା ପଲ୍ଲୀସଭା ଏବଂ ଗ୍ରାମସଭାଗୁଡ଼ିକ ଗତ ଅକ୍ଟୋବର ମାସରେ ଯେଉଁଭଳି ଭାବରେ ସଂଗଠିତ ହୋଇଥିଲା ଏହାର ସୁଦୂର ପ୍ରସାରୀ ପ୍ରଭାବକୁ ସୂକ୍ଷ୍ମ ଦୃଷ୍ଟିରୁ ଅନୁଧ୍ୟାନ କଲେ ଏହା ଅଭୂତପୂର୍ବ ଏବଂ ଆଶ୍ଚର୍ଯ୍ୟଜନକ ଥିଲା । ଆମ ସମାଜରେ ଗ୍ରାମାଞ୍ଚଳରେ ଥିବା ନିରକ୍ଷରତା, ଦାରିଦ୍ର୍ୟ, ସ୍ୱାର୍ଥପରତା ଓ ଦୁର୍ନିତୀ ଇତ୍ୟାଦି ଅନେକ ଅନ୍ୟାନ୍ୟ ବିଷୟବସ୍ତୁ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରୁଥିଲେ ମଧ୍ୟ ଗ୍ରାମସଭା ଓ ପଲ୍ଲୀସଭାଗୁଡ଼ିକର ସଶକ୍ତିକରଣ ପାଇଁ ନିଆଯାଇଥିବା ପଦକ୍ଷେପ ଆଗାମୀ ଦିନରେ ଏହାକୁ ପ୍ରବାହତ କରିପାରିବ । ଅତୀତ ଦିନର ପଲ୍ଲୀସଭା ଓ ଗ୍ରାମସଭା ଓ ୨୦୧୨ ମସିହା ଅକ୍ଟୋବର ୨ରୁ ୧୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପଲ୍ଲୀସଭା ଓ ଗ୍ରାମସଭା ନିଶ୍ଚିତ ଭାବରେ ଗୁଣାତ୍ମକ ଏବଂ ପରିମାଣାତ୍ମକ ଦୃଷ୍ଟିରୁ ଆକର୍ଷଣୀୟ ଓ ପରିଣାମଦର୍ଶୀ ଥିଲା । ଏକ ସାଧାରଣ ନାଗରିକ ଭାବେ ସ୍ୱତଃସ୍ଫୁର୍ତ ଭାବରେ କେତେଗୋଟି ପଲ୍ଲୀସଭା ଓ ଗ୍ରାମସଭାରେ ଯୋଗ ଦେଇଥିଲି ଯାହା ଅନୁଭବ କରି ତାହାର ଏକ ନିଚ୍ଛକ ରୂପରେଖ ଓ ପ୍ରଭାବ ଉକ୍ତ

ଲେଖାଟିରେ ପ୍ରକାଶ କରାଗଲେ ଅତ୍ୟନ୍ତ ଉପାଦେୟ ହୋଇପାରିବ ବୋଲି ଆଶା କରୁଛି । ଏହାର କାର୍ଯ୍ୟକାରିତା ଆଗାମୀ ଦିନର ପ୍ରଭାବଶାଳୀ ହୋଇ ଶହ ଶହ ନିରୀହ ନିରକ୍ଷର ଗ୍ରାମବାସୀଙ୍କ ଉପରେ ପ୍ରଭାବ ପକାଇ ଆମର ତୃଣମୂଳ ସ୍ତରର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ । ସାଧାରଣ ଅନୁଭବକୁ ବାଦଦେଲେ ଯଦି ଏହାର ପ୍ରଭାବଗୁଡ଼ିକୁ ଗବେଷଣାତ୍ମକ ଅନୁଭବ ଦ୍ୱାରା ବିଶ୍ଳେଷଣ କରାଯାଏ ତେବେ ଅନେକ ଉପାଦେୟ ତଥ୍ୟ ପ୍ରକାଶ ପାଇପାରିବ ।

ଗୋଟିଏ ରାଜସ୍ୱ ଗ୍ରାମର ଭୋଟଦାତାଙ୍କୁ ନେଇ ଏକ ପଲ୍ଲୀସଭା ଗଠନ ହୋଇଥିବା ବେଳେ ଗୋଟିଏ ଗ୍ରାମାପଞ୍ଚାୟତର ସମୁଦାୟ ଭୋଟଦାତାଙ୍କୁ ଗ୍ରାମସଭାର ପରିକଳ୍ପନା କରାଯାଇଥାଏ । ଉକ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଗୃହୀତ ପ୍ରସ୍ତାବଗୁଡ଼ିକ ପଞ୍ଚାୟତିରାଜ ବ୍ୟବସ୍ଥାର ମଧ୍ୟମ ସୋପାନ ପଞ୍ଚାୟତ ସମିତି ଏବଂ ଶୀର୍ଷ ସୋପାନ ଜିଲ୍ଲାପରିଷଦରେ ଅନୁମୋଦନ ଲାଭ କରି କାର୍ଯ୍ୟକାରୀ ହୋଇଥାଏ । ଆସନ୍ତୁ ପଲ୍ଲୀସଭା ଓ ଗ୍ରାମସଭାଗୁଡ଼ିକର ସକ୍ରିୟତା ବିଷୟରେ ଆଲୋଚନା କରିବା । ଓଡ଼ିଶାର ସମୁଦାୟ ଗ୍ରାମପଞ୍ଚାୟତଗୁଡ଼ିକରେ ଖୁବ୍ କମ୍‌କୁ ବାଦଦେଲେ ରାଜ୍ୟର ଶତକଡ଼ା ୮୦%ରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ଗ୍ରାମପଞ୍ଚାୟତଗୁଡ଼ିକରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଏବଂ ଏହାର ଉପଯୁକ୍ତ କାର୍ଯ୍ୟକାରିତାଗୁଡ଼ିକ ପଲ୍ଲୀସଭା ଓ ଗ୍ରାମସଭାଗୁଡ଼ିକର ସକ୍ରିୟତା ବିଷୟରେ ଆଲୋଚନା କରିବା । ଓଡ଼ିଶାର ସମୁଦାୟ ଗ୍ରାମପଞ୍ଚାୟତଗୁଡ଼ିକରେ ଖୁବ୍ କମ୍‌କୁ ବାଦଦେଲେ ରାଜ୍ୟର ଶତକଡ଼ା ୮୦%ରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ଗ୍ରାମପଞ୍ଚାୟତଗୁଡ଼ିକରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଏବଂ ଏହାର ଉପଯୁକ୍ତ କାର୍ଯ୍ୟକାରିତାଗୁଡ଼ିକ ପଲ୍ଲୀସଭା ଓ ଗ୍ରାମସଭାଗୁଡ଼ିକରେ ଆଲୋଚିତ ହୋଇଥାଏ । ଏଗୁଡ଼ିକର ସମ୍ଭାବ୍ୟ ସଫଳତା ଆମ ଲୋକପ୍ରତିନିଧି ଓ ଅମଲାତନ୍ତ୍ରର ତତ୍ତ୍ୱାବଧାନରେ ସମ୍ଭବ ହୋଇଥାଏ । ଗ୍ରାମାଞ୍ଚଳରେ ବସବାସ କରୁଥିବା ନାଗରିକ ଓ ଜନସାଧାରଣ ନିଜର ଜୀବିକା ନିର୍ବାହ କରିବା ପାଇଁ ବ୍ୟସ୍ତ ରହୁଥିବା ସମୟରେ ସରକାରୀ ଉନ୍ନୟନମୂଳକ ଯୋଜନା, ଏଥିପାଇଁ ହିତାଧିକାରୀ ସ୍ୱଚ୍ଛପଦ୍ଧତିରେ ଅବଲମ୍ବନ ଏବଂ ସ୍ଥିରୀକୃତ ହୋଇଥିବା ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ସମୟ ନଥାଏ । ପଞ୍ଚାୟତିରାଜ ବ୍ୟବସ୍ଥାର ତୃଣମୂଳ ସ୍ତରରେ ୱାର୍ଡ଼ ସଭ୍ୟ ଓ ସରପଞ୍ଚବୃନ୍ଦ ଆମ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମୟ ଦେଇଥାନ୍ତି ଏହା ସ୍ୱୀକାର ଯୋଗ୍ୟ ଅଟେ । କିନ୍ତୁ ବେଳେ ବେଳେ କେତେକ କ୍ଷେତ୍ରରେ ସାଧାରଣ ଜନତା ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ଭରସା କରି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅସଦଉପାୟ ଯୋଗୁଁ ଯୋଜନାର ବିଫଳତା ପାଇଁ ଦାୟୀ ରହିଥାନ୍ତି ।

ଲୋକମାନଙ୍କର ଅଜ୍ଞତା ଏବଂ ଚଞ୍ଚଳତା ଯୋଗୁଁ ସମାହିତ କାର୍ଯ୍ୟ ପାଇଁ ତ୍ରୁଟି ହୋଇ ବିଫଳତା ଆସିଥାଏ ଏବଂ ସେଥିପାଇଁ ସମୟ ଆମକୁ କ୍ଷମା ଦେଇନଥାଏ । ଏଥିପାଇଁ ପଲ୍ଲୀସଭା ଓ ଗ୍ରାମସଭାଗୁଡ଼ିକର ସଶକ୍ତୀକରଣ ଅତି ଆବଶ୍ୟକ ମନେ ହୁଏ । ଏହାର ଏକ ଅଧ୍ୟୟନ କଲେ ଗତ ବର୍ଷମାନଙ୍କରେ ହୋଇଥିବା ପଲ୍ଲିସଭା ଓ ଗ୍ରାମସଭାରେ ସାଧାରଣ ନାଗରିକ ତୃଣମୂଳ ଗଣତନ୍ତ୍ରର ଅଂଶୀଦାର ହେଲାଭଳି ଅନୁଭବ ହୋଇଥାଏ ।

ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କୃଷିଉଦ୍ୟାନ, ଜଳସେଚନ, ବୃକ୍ଷରୋପଣ, ଆତ୍ମନିଯୁକ୍ତି, ଗ୍ରାମ ପରିମଳ, ଦାରିଦ୍ର୍ୟ ଦୂରୀକରଣ ଓ ଗ୍ରାମୀଣ ଜୀବିକା ମିଶନ ଇତ୍ୟାଦି ଯୋଜନାର ରୂପରେଖ ଏବଂ ଏଥିପାଇଁ ହିତାଧିକାରୀ ଚୟନ ସାମଗ୍ରୀକ ଭାବରେ ରାଜ୍ୟ ବିଧାନସଭା ଓ ପାର୍ଲାମେଣ୍ଟ ଭଳି ଅନୁଷ୍ଠାନ ଏକ କ୍ଷୁଦ୍ର ପଲ୍ଲୀସଭାରେ ଆଲୋଚନା ହୋଇଥାଏ । ସାଧାରଣ ନାଗରିକ ଅନ୍ତତଃ ଗୋଟିଏ ଦିନ ପଲ୍ଲୀସଭା ଓ ଆଉ ଗୋଟିଏ ଦିବସ ଗ୍ରାମସଭା ପାଇଁ ନିଜର ବୃତ୍ତିକୁ ପଛରେ ପକାଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମିଲ ହୋଇଥିଲେ । ସର୍ବଶିକ୍ଷା ଅଭିଯାନରେ ସମସ୍ତେ ପଢ଼ନ୍ତୁ, ସମସ୍ତେ ବଢ଼ନ୍ତୁ କାର୍ଯ୍ୟକ୍ରମର ରୂପାୟନ ଏଥିପାଇଁ ଜନସାଧାରଣଙ୍କ ନିଜ ସନ୍ତାନ ସନ୍ତତିକୁ ବିଦ୍ୟାଳୟରେ ପାଠ୍ୟ ପ୍ରବେଶ କରାଇବା ପାଇଁ ଯେଉଁ ଉତ୍ତର ଦାୟିତ୍ୱ ତାହା ଶିକ୍ଷା ବିଭାଗର ଅଧିକାରୀ ବିଶଦଭାବରେ ଆଲୋଚନା କରିଥାନ୍ତି । ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱରେ ଥିବା ଅଧିକାରୀ ସ୍ୱାସ୍ଥ୍ୟ ସମ୍ପର୍କୀୟ ମମତାଯୋଜନାରୁ ଆରମ୍ଭ କରି ସ୍ୱାସ୍ଥ୍ୟବୀମା, ଜନନୀ ସୁରକ୍ଷା, ଗାଁ କଲ୍ୟାଣ ସମିତି, ରୋଗୀ କଲ୍ୟାଣ ସମିତି ଇତ୍ୟାଦି ସରକାରୀ ଯୋଜନାଗୁଡ଼ିକ ବ୍ୟାଖ୍ୟା କରି ଲୋକମାନଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଚେତନତା ସୃଷ୍ଟି କରାଇଥାନ୍ତି ଯାହା ସାଧାରଣ ଜନତାଙ୍କ ପ୍ରତି ଅତି ଉପାଦେୟ ଭଳି ମନେ ହୁଏ ।

ପଲ୍ଲୀସଭା ଓ ଗ୍ରାମସଭାରେ କୃଷି ଓ ଉଦ୍ୟାନକୃଷି କ୍ଷେତ୍ରରେ ସମସ୍ୟା, ସରକାରୀ ଯୋଜନା ଓ ଏହାର ରୂପାୟନ ପାଇଁ ସାଧାରଣ ଜନତାଟି ଜାଣିବାର ସୁଯୋଗ ପାଇଥାଏ ଏବଂ ହିତାଧିକାରୀ ଚୟନରେ ନିଜସ୍ୱ ମତ ପ୍ରକାଶ କରି ଗଣତନ୍ତ୍ର ବ୍ୟବସ୍ଥାରେ ସାମିଲ ହେବାର ସୁଯୋଗ ମିଳିଥାଏ । ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ଆଲୋଚନା ହୋଇ ଯୋଜନାରେ ହେଉଥିବା ତୃଟିଗୁଡ଼ିକୁ ଦୃଷ୍ଟିକୁ ଆଣି ଏହାର ପ୍ରତିଷେଧ ବିଷୟରେ ମଧ୍ୟ ମୂଲ୍ୟବାନ ମତାମତ ରଖିବା ପାଇଁ ସୁଯୋଗ ପାଇଥାଏ । ନିଜ ଗ୍ରାମ ପାଇଁ ଜଳସେଚନ, ବୃକ୍ଷରୋପଣ ବ୍ୟବସ୍ଥା ଏବଂ ଏହାର ଉନ୍ନତିକରଣ ପାଇଁ ସାଧାରଣ ଜନତା ଆଲୋଚନାରେ ଅଂଶଗ୍ରହଣ

କରି ସୁଚିନ୍ତିତ ମତବ୍ୟକ୍ତ କରିଥାଏ ଏବଂ ଏବେ ବିଭାଗୀୟ ଅଧିକାରୀ ସାମଗ୍ରୀକ ଭାବରେ ଗାଁମାନଙ୍କର ଉନ୍ନତି କରଣ ଉପରେ ସଚେତନତା ପ୍ରକାଶ କରାଇଥିଲେ । ଯୋଜନାର ସୁଗୁଣ ଏବଂ ରୂପାୟନରେ ପ୍ରତିବନ୍ଧକଗୁଡ଼ିକ ମଧ୍ୟ ସାଧାରଣ ଜନତା ବୁଝିଥାନ୍ତି । ଅନେକ ସ୍ଥାନରେ ପଲ୍ଲୀସଭାଗୁଡ଼ିକରେ ଭୀଷଣ ପାଟିତୁଣ୍ଡ ହୋଇ ତୃଟି ଯୁକ୍ତ ଯୋଜନା ରୂପାୟନକୁ ସାଧାରଣ ଜନତା ସମାଲୋଚନା କରିବାର ସୁଯୋଗ ପାଇଥାନ୍ତି । ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ୍ କାର୍ଡ଼ର ପ୍ରଚଳନ ଏବଂ ୧୦୦ ଦିନର ନିଯୁକ୍ତି ସୁଯୋଗ କାର୍ଯ୍ୟକ୍ରମ ଉପରେ ଜନସାଧାରଣ ବିଶେଷ ଆଲୋଚନା / ପର୍ଯ୍ୟାଲୋଚନା କରି ନିଜ ଗାଁ ବା ଗ୍ରାମପଞ୍ଚାୟତରେ କିଭଳି ଉକ୍ତ ସୁଯୋଗର ବିନିଯୋଗ କରାଯିବ ତାହା ବିଶେଷ ଉଲ୍ଲେଖଯୋଗ୍ୟ ବିଷୟ ବସ୍ତୁ ଅଟେ । ଏହି ଯୋଜନାରେ ବୃକ୍ଷରୋପଣ, ବ୍ୟାଙ୍କରୁ ଋଣ ଆଣିଥିଲେ ଛେଳି ଚାଷ ପାଇଁ ଗୃହନିର୍ମାଣ, ବନ୍ଧବାଡ଼, ମୋ ପୋଖରୀ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥିବାରୁ ନିଶ୍ଚିତ ନିଯୁକ୍ତି ସହ ନିଜ ଅଞ୍ଚଳର ଉନ୍ନୟନ କାର୍ଯ୍ୟର ସମ୍ଭାବନା ପଲ୍ଲୀସଭା ଓ ଗ୍ରାମସଭାର ମୁଖ୍ୟ ଆକର୍ଷଣ ଥିବାଭଳି ମନେ ହୁଏ ।

ୱାର୍ଡ଼ ସଭ୍ୟଙ୍କ ସଭାପତିତ୍ୱରେ ପଲ୍ଲୀସଭା ଏବଂ ଗ୍ରାମ୍ୟପଞ୍ଚାୟତର ସରପଞ୍ଚଙ୍କ ସଭାପତିତ୍ୱରେ ହୋଇଥିବା ପଲ୍ଲୀସଭା ଓ ଗ୍ରାମସଭାଗୁଡ଼ିକରେ ଅନେକ ରାଜନୈତିକ ଶିକ୍ଷା ଆହରଣ କରାଯାଇଥାଏ । ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ, ଗୋପବନ୍ଧୁ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗ୍ରାମାଞ୍ଚଳରେ କଂକ୍ରିଟ ରାସ୍ତା, ଇନ୍ଦିରା ଆବାସ, ମୋ କୁଡ଼ିଆ, ବିଜୁ କୃଷକ ଯୋଜନା, ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗଙ୍କ ପାଇଁ ଭତ୍ତା, ପରିମଳ ବ୍ୟବସ୍ଥା ପାଇଁ ସମସ୍ତଙ୍କୁ ପାଇଖାନା ବ୍ୟବସ୍ଥା, ଉଦ୍ୟାନ କୃଷିରେ ଫୁଲ ଚାଷ ଓ କଦଳୀଚାଷ ଇତ୍ୟାଦି ଅନେକ ଯୋଜନାଗୁଡ଼ିକ ବିସ୍ତୃତ ଭାବରେ ଆଲୋଚନା କରାଯାଇଥାଏ । ଦାରିଦ୍ର୍ୟ ସୀମାରେଖା ତଳେ ଓ ଉପରେ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ନିୟମ ଅନୁସାରେ ଉପରୋକ୍ତ ଯୋଜନାଗୁଡ଼ିକ ପାଇଁ ପ୍ରକୃତ ହିତାଧିକାରୀ ଚୟନ ପଲ୍ଲୀସଭାରେ ସ୍ଥିର ହୋଇଥାଏ । ଏଥିପାଇଁ ନିୟମକାନୁନ୍ କ'ଣ ସାଧାରଣ ଜନତା ଜାଣି ନଥାଏ । ତେବେ ଉକ୍ତ ପଲ୍ଲୀସଭା ଓ ଗ୍ରାମସଭା ଦ୍ୱାରା ଆଇନକାନୁନ୍‌ଗୁଡ଼ିକ ବିସ୍ତୃତ ଭାବରେ ଆଲୋଚନା ହୋଇ ହିତାଧିକାରୀ ଚୟନ ହୋଇଥାନ୍ତି । ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟାନ୍ୟ ଯୋଜନାରେ ଅନେକ ଅନିୟମିତତା ପଲ୍ଲୀସଭାଗୁଡ଼ିକରେ ଆଲୋଚନା ହୋଇ ଏଥିପାଇଁ ଦାୟୀ ବ୍ୟକ୍ତି ବିଶେଷଙ୍କୁ ପଲ୍ଲୀସଭାଦ୍ୱାରା ତାଗିଦକରାଯାଇଥାଏ । ରାଜନୈତିକ ଚାପ ଓ ଅର୍ଥର ବଶବର୍ତ୍ତୀ ହୋଇ ଯୋଜନାର ବିଫଳତା ଓ ଏହାର ନିରାକରଣ ସମ୍ବନ୍ଧରେ ସାଧାରଣ ଜନତା ଏଠାରେ ମତ ପ୍ରକାଶ

କରିଥାଏ । "ସତତ ଜାଗୃତି ହିଁ ସ୍ୱାଧୀନତାର ରକ୍ଷା କବଚ", ଏହା ପଲ୍ଲୀସଭା ଓ ଗ୍ରାମସଭାର ସଫଳତା ଯାହା ଗ୍ରାମାଞ୍ଚଳରେ ବାସ କରୁଥିବା ସାଧାରଣ ନାଗରିକଙ୍କୁ ଜାଗ୍ରତ କରାଇଥାଏ । ପଲ୍ଲୀସଭା ଓ ଗ୍ରାମସଭାରେ ଅନୁମୋଦିତ ହୋଇଥିବା ପ୍ରସ୍ତାବଗୁଡ଼ିକ ଆସନ୍ତା ବର୍ଷମାନଙ୍କରେ ସମ୍ପନ୍ନ ହେବ ବୋଲି ଅଧିକାରୀମାନଙ୍କଠାରୁ ପ୍ରକାଶ । ତେବେ ଅକ୍ଟୋବର ୨ରୁ ୧୮ ତାରିଖ ମଧ୍ୟରେ ହୋଇଥିବା ଗ୍ରାମସଭା ଓ ପଲ୍ଲୀସଭାଗୁଡ଼ିକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉତ୍ସାହ ଓଡ଼ିଶାରେ ପ୍ରତ୍ୟେକ କୋଣ ଅନୁକୋଣରେ ଅନୁଭବ କରାଯାଇଥାଏ । ଅତୀତ ଦିନମାନଙ୍କର ୧୦% ବ୍ୟକ୍ତି ପଲ୍ଲୀସଭା ଓ ଗ୍ରାମସଭାଗୁଡ଼ିକରେ ଯୋଗଦେଇଥିବା ବେଳେ ଏବେ ଅତିକମ୍‌ରେ ୪୦% ସାଧାରଣ ଜନତା ଅଂଶଗ୍ରହଣ କରୁଛନ୍ତି । ଏହାଦ୍ୱାରା ଆମର ଗଣତନ୍ତ୍ରର ତୃଣମୂଳସ୍ତର ସୁଦୃଢ଼ ହୋଇପାରିଛି ଓ ଏହା ଆମ ଗଣତନ୍ତ୍ର ପାଇଁ ଶୁଭ ସୂଚନା ଅଟେ । ଏଥିପାଇଁ ସରକାରଙ୍କର ଉଦ୍ୟମ ରାଜ୍ୟ ପଞ୍ଚାୟତିରାଜ ବିଭାଗର କମିଶନର ତଥା ସଚିବ ଓ ମନ୍ତ୍ରୀ ଓ ଏହାକୁ ସଂଗଠିତ କରିବାରେ ସମ୍ପର୍କିତ ଅଧିକାରୀବୃନ୍ଦଙ୍କର ନିଷ୍ଠାପର ଉଦ୍ୟମ ପାଇଁ ସାଧୁବାଦଜଣାଇବା ସଙ୍ଗେ ସଙ୍ଗେ ନିୟମିତ ଭାବେ ପଲ୍ଲୀସଭା ଓ ଗ୍ରାମସଭାଗୁଡ଼ିକୁ ଏଇଭଳି ସକ୍ରିୟ କରାଇ ସାଧାରଣ ଲୋକମାନଙ୍କୁ ସଚେତନ କରିବାର ଆବଶ୍ୟକତା ଅଛି । ଗ୍ରାମସଭାରେ ସମସ୍ତ ପ୍ରସ୍ତାବିତ କାର୍ଯ୍ୟକ୍ରମଗୁଡ଼ିକର ଉପଯୁକ୍ତ ଚିହ୍ନଟ ଓ ରୂପାୟନ ସଠିକ୍ ମାର୍ଗରେ ହେଲେ ଗ୍ରାମସଭା ସଶକ୍ତୀକରଣ ହେବା ସଙ୍ଗେ ସଙ୍ଗେ ତୃଣମୂଳ ସ୍ତରରେ ଜନସାଧାରଣଙ୍କର ଉତ୍ସାହ ବୃଦ୍ଧି ହୋଇ ଆମର ତୃଣମୂଳ ସ୍ତରର ଗଣତନ୍ତ୍ର ମଜଭୁତ୍ ହୋଇପାରିବ । ନଚେତ୍ ସାଧାରଣ ଲୋକଙ୍କର ଉତ୍ସାହ କମିବ ଓ ଗଣତନ୍ତ୍ର ବ୍ୟବସ୍ଥା ପ୍ରତି ନକରାତ୍ମକ ଭାବନା ସୃଷ୍ଟି ହେବ । ଅତୀତରେ ଭାରତର ମାନ୍ୟବର ଶୀର୍ଷ ଅଦାଲତ ନିୟମଗିରି ଖଣି ଖନନ ଉପରେ ଦେଇଥିବା ମନ୍ତବ୍ୟରୁ ସ୍ପଷ୍ଟ ଯେ ଗ୍ରାମସଭାର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ । ଗ୍ରାମସଭାର ସଂଖ୍ୟାଗରିଷ୍ଠ ଲୋକଙ୍କର ବିନା ସମ୍ମତିରେ କୌଣସି ପ୍ରକଳ୍ପର ସଫଳ ରୂପାୟନ ହୋଇପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ଗ୍ରାମସଭାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ହାତକୁ ନେଲେ ଗ୍ରାମ ତଥା ଦେଶର ବିକାଶ ସମ୍ଭବ ହୋଇପାରିବ ।



# ଏକ ନିଆରା ପରିବେଶ



ମନୋଜ କୁମାର ବସନ୍ତରାଏ

ବିଶ୍ୱ ପ୍ରସିଦ୍ଧ ନୋବେଲ ପୁରସ୍କାର ପ୍ରାପ୍ତ ନେଲ୍‌ସନ୍ ମାଣ୍ଡେଲା କହିଥିଲେ – "ଶିକ୍ଷା ହେଉଛି ଏଭଳି ଏକ ଶକ୍ତିଶାଳୀ ଅସ୍ତ୍ର, ଯଦ୍ୱାରା ବିଶ୍ୱର ପରିବର୍ତ୍ତନ କରାଯାଇପାରେ ।" ପ୍ରାଚୀନ ଯୁଗର ନାଳନ୍ଦା ଓ ତକ୍ଷଶୀଳା ଭଳି ଶିକ୍ଷାନୁଷ୍ଠାନର ଦେଶ ହେଉଛି ଭାରତ । ଆଜିର ଯୁବପୀଢ଼ିର ଦେଶ ଭାରତ ଶିକ୍ଷା କ୍ଷେତ୍ରରେ ଅଭିନବତା ଓ କୌଶଳ ହାସଲ ଦିଗରେ ଅଗ୍ରସର । ଗୁରୁକୂଳ ପରମ୍ପରା ହେଉଛି ଆମ ଦେଶର ଅତ୍ୟନ୍ତ ପ୍ରାଚୀନତମ ଶିକ୍ଷାଶୈଳୀ । ଚାଟଶାଳୀ ଅବଧାନମାନଙ୍କ ପାଠପଢ଼ା ତତ୍କାଳିନ ସମାଜରେ ଗୁରୁଶିଷ୍ୟ ପରମ୍ପରାକୁ ଅନେକ ବର୍ଷ ଧରି ଜ୍ଞାନାଲୋକ ପ୍ରଦାନ କରିଥିଲା । ପ୍ରାଚ୍ୟ ପାଶ୍ଚାତ୍ୟର ମିଳନ କାଳରେ ଶିକ୍ଷାକ୍ଷେତ୍ରରେ ନବଜାଗରଣ ସୃଷ୍ଟି ହୋଇ ଏକ ବୈପ୍ଳବିକ ପରିବର୍ତ୍ତନ ଘଟିଲା । ଶିକ୍ଷାକ୍ଷେତ୍ରକୁ ଜୀବନର ମାନଦଣ୍ଡ ଭାବରେ ବିବେଚନା ଚରାଯାଇ ବୈଚାରିକ ମୂଲ୍ୟବୋଧ, ଧନ୍ଦାମୂଳକ ଶିକ୍ଷା ପ୍ରଦାନ ଦିଗରେ ଗୁରୁତ୍ୱ ଦିଆଗଲା । ପ୍ରାଦେଶିକ ସ୍ତରରେ ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା ଇତ୍ୟାଦି ପ୍ରକାଶ ପାଇଲା । ଶିକ୍ଷାକ୍ଷେତ୍ରରେ ବିକାଶ ଘଟି ବିଭିନ୍ନ ସ୍ଥାନରେ ସ୍କୁଲ, କଲେଜମାନ ସ୍ଥାପିତ ହେଲା । ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ସେତେବେଳେ ରାଜା, ଜମିଦାର ତଥା କିଛି ବାଦାନ୍ୟ ବ୍ୟକ୍ତିମାନଙ୍କର ପ୍ରତ୍ୟକ୍ଷ ସହଯୋଗରେ ଗଢ଼ି ଉଠିଥିଲା । କିଛି ବ୍ୟକ୍ତି ବିଶେଷ ବିଦ୍ୟାଳୟ ଓ କଲେଜର ନିର୍ମାଣ ପାଇଁ ଆବଶ୍ୟକୀୟ ଅର୍ଥ, ଭୂମି ଓ ତତ୍‌ସଂଲଗ୍ନ ସମସ୍ତ ସାହାଯ୍ୟ ନିର୍ମାଣାର୍ଥେ ସହଯୋଗ ପ୍ରଦାନ କରିଥିଲେ । କେତେକ ବ୍ୟକ୍ତି ନିଜେ ଗଢ଼ିଥିବା ଅନୁଷ୍ଠାନଟିର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଜେ ବହନ କରୁଥିଲେ ।

ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଇକୋନୋମିକ୍ ଜୋନ୍ ପରିସର ମଧ୍ୟରେ ଗଢ଼ି ଉଠିଥିବା ସ୍ଥିତିପ୍ରଜ୍ଞା ଉଚ୍ଚ ବିଦ୍ୟାଳୟ ହେଉଛି ମୋର ମଉସା ରମାକାନ୍ତ ମିଶ୍ରଙ୍କ ଦ୍ୱାରା ଗଢ଼ା ଯାଇଥିବା ଅନୁଷ୍ଠାନ । ସ୍ୱର୍ଗତ ରମାକାନ୍ତ ମିଶ୍ରଙ୍କ ବିଷୟରେ କହିବାକୁ ଗଲେ, ସେ ହେଉଛନ୍ତି ଜଣେ ସ୍ୱାଧୀନଚେତା, ନିର୍ଭିକ ଓ ଶିକ୍ଷାକୁ ଜୀବନର ଆଦର୍ଶ ଭାବୁଥିବା ମଣିଷ । ସେ ଜଣେ ପରୋପକାରୀ ବ୍ୟକ୍ତି ଭାବରେ କଟକ ଖାନନଗର ଅଞ୍ଚଳରେ ପରିଚିତ । ନିଜର ପ୍ରଚଣ୍ଡ ବ୍ୟକ୍ତିତ୍ୱ ଓ ସ୍ୱକୀୟ ପ୍ରତିଭା ବଳରେ ସେ ଜଣେ ସମାଜସେବୀ ଭାବରେ ଅଞ୍ଚଳ ଓ ରାଜ୍ୟରେ ପରିଚିତ ଥିଲେ । ମଉସାଙ୍କର ତିନୋଟି ସନ୍ତାନ । ସ୍ଥିତିପ୍ରଜ୍ଞା ମିଶ୍ର, ଆପ୍ତକାମ

ମିଶ୍ର ଓ ସାନ୍ତାୟାନ ମିଶ୍ର । ଆପ୍ତକାମ ମିଶ୍ର ହେଉଛି ମୋର ବାଲ୍ୟବନ୍ଧୁ ତଥା ଖାନନଗର ଉଚ୍ଚ ବିଦ୍ୟାଳୟର ସହପାଠୀ । ଏକମାତ୍ର ଝିଅ ସ୍ଥିତିପ୍ରଜ୍ଞାର ଅକସ୍ମାତ୍ ମୃତ୍ୟୁ ପରେ ତା'ର ସ୍ମୃତିକୁ ନେଇ ଏହି ଶିକ୍ଷାନୁଷ୍ଠାନର ନାମକରଣ କରାଯାଇଛି । ମଉସା ଏହି ଶିକ୍ଷାନୁଷ୍ଠାନକୁ ୨୦୦୯ ମସିହାରେ ସ୍ଥାପନ କରିଥିଲେ ଏବଂ ୨୦୧୩ ମସିହାରେ ତାଙ୍କ ଦେହାନ୍ତ ହୋଇଥିଲା । ମଉସାଙ୍କ ଦେହାନ୍ତ ପରେ ଶିକ୍ଷାନୁଷ୍ଠାନଟିକୁ ମୋର ଅନ୍ତରଙ୍ଗ ସାଙ୍ଗ ଯିଏକି ତାଙ୍କ ବଡ଼ପୁଅ ଆପ୍ତକାମ ମିଶ୍ର ଏହାର ପରିଚାଳନା ଭାର ଗ୍ରହଣ କରିଥିଲେ । ଜଣେ ଭଲ ବନ୍ଧୁ ଭାବରେ ଆପ୍ତକାମ ପରିବାର ସହିତ ଆମ ପରିବାରର ସମ୍ପର୍କ ନିବିଡ଼ ଓ ଉକ୍ତ ଶିକ୍ଷାନୁଷ୍ଠାନ ସହିତ ସମ୍ପର୍କ ଅତ୍ୟନ୍ତ ଆତ୍ମୀୟ । ବ୍ୟକ୍ତିଗତ ସମ୍ପର୍କ କାରଣରୁ ଏହାର ପ୍ରତ୍ୟେକ କାର୍ଯ୍ୟକ୍ରମ ସହିତ ଆମ ପରିବାର ସାମିଲ ହୋଇଥାଉ । ଏହି ଶିକ୍ଷାନୁଷ୍ଠାନର ଅଧକ୍ଷ, ପିଅନ, ରୋଷେୟା ମଉସା ତଥା ଶିକ୍ଷକ ଓ ଶିକ୍ଷୟତ୍ରୀ ସମସ୍ତେ ମତେ ବ୍ୟକ୍ତିଗତ ଭାବରେ ଜାଣନ୍ତି । ଗଢ଼ିତୋଳିଥିବା ଏହି ଅନୁଷ୍ଠାନଟିର କଳେବର ବୃଦ୍ଧି ପାଉଛି । ଜୀବ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନର ଲ୍ୟାବ୍ ଗୃହ ନିର୍ମାଣ କରାଯାଇଛି । ଏଥିସହିତ ଥିଓରୀ ଓ ପ୍ରାକ୍‌ଟିକାଲ କ୍ଲାସ ପାଇଁ ଅଲଗା ଅଲଗା ଗୃହ ନିର୍ମାଣ କରାଯାଇଛି । ଶିକ୍ଷାନୁଷ୍ଠାନର ମାନ ବୃଦ୍ଧି କରିବା ଲାଗି ସମସ୍ତ ଉପକରଣ, ଲାଇବ୍ରେରି ବହି, ଅଧିକ କମ୍ପ୍ୟୁଟର, ସିସିଟିଭି କ୍ୟାମେରା, ପ୍ଲାଣ୍ଟେସନକୁ ଗୁରୁତ୍ୱ ଦିଆଯାଇ ଅଗ୍ରାଧିକାର ଭିତ୍ତିରେ ବ୍ୟବସ୍ଥା କରାଯାଉଛି । ଏହି ଶିକ୍ଷାନୁଷ୍ଠାନ ଗୁରୁଶିଷ୍ୟ ପରମ୍ପରାକୁ ବଜାୟ ରଖିବା ସହିତ ପ୍ରତ୍ୟେକ ବର୍ଷ ଭଲ ରେଜଲଟ୍ କରୁଛି । ଆମ କଜେରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନିଯୁକ୍ତି ନିମନ୍ତେ ଏଣ୍ଟ୍ରାନସ୍ ପରୀକ୍ଷା ହେଉଛି । ସମସ୍ତ ବିଦ୍ୟାର୍ଥୀଙ୍କୁ କମ୍ପ୍ୟୁଟର ଜ୍ଞାନ କୌଶଳ ପ୍ରତିକ୍ଷଣ ଦେବା ସହିତ ନେଟୱାର୍କିଂ ମାଧ୍ୟମରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ପିଲାମାନଙ୍କର ଚାରିତ୍ରିକ ବ୍ୟବହାର, ପାଠପଢ଼ା, ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବା ପକ୍ରିୟାକୁ ଗୁରୁତ୍ୱ ଦିଆଯାଉଛି । ବିଗତବର୍ଷର କିଛି ପୂର୍ବତନ ଛାତ୍ରଛାତ୍ରୀ ପାସ୍ ଆଉଟ୍ ପରେ ମଧ ଅନୁଷ୍ଠାନ ସହ ସମ୍ପର୍କରେ ଅଛନ୍ତି, ଏବଂ ସେମାନଙ୍କର ସଫଳତା ପାଇଁ ଅନୁଷ୍ଠାନକୁ କୃତଜ୍ଞତା ଜ୍ଞାପନ କରୁଛନ୍ତି । ଏହାଛଡ଼ା ଅନୁଷ୍ଠାନରେ ଆହୁରି ଅନେକ କାର୍ଯ୍ୟ ବାକି ରହିଯାଇଛି । ଧୀରେ ଧୀରେ ପରିସ୍ଥିତିକୁ ଅନୁଧାନ କରି ଜରୁରୀକାଳିନ ଭିତ୍ତିରେ ସମସ୍ତ କାର୍ଯ୍ୟ କରାଯାଉଛି । ମୁଁ ନିଜେ ପାଠ ପଢ଼ିବା ବେଳେ କେତେକ ସୁନାମଧନ୍ୟ ଅନୁଷ୍ଠାନ ସହିତ ଜଡ଼ିତ ରହିଛି, ମାତ୍ର ଏଠାକାର ଆତ୍ମିୟତା, ପରିବେଶ ସମ୍ପୂର୍ଣ୍ଣ ନିଆରା ।

# ସଂସାର



ନଭନିତ୍ ଭଞ୍ଜଦେଓ

ସଂସାର ମାୟା ଜାଲରେ ପଡ଼ି ଛଟପଟ ହେଉଛି ମୁଁ...
ମତେ ଦେଖି ଅଟ୍ଟହାସ୍ୟ କରୁଛୁ ତୁ ।
ସମସ୍ତେ କୁହନ୍ତି ସଂସାରର ମାୟା ବଡ଼ ବିଚିତ୍ର
ମୁଁ କିନ୍ତୁ ଭାବେ ସଂସାର ବଡ଼ ସଚ୍ଚରିତ୍ର ॥
ଦୁଃଖ ଆଉ ସୁଖରେ ସଂସାରଟା ଗଢ଼ା ।
କେବେ କିଏ ହୋଇଯିବ ନିଆରା ଅଲୋଡ଼ା ?
ସଂସାରର ସବୁ ଦୁଃଖ କାହା ପାଖେ ଥାଏ ?
ସୁଖୀ କେବେ ଭାବେନାହିଁ ଦୁଃଖ ମତେ ମିଳିନି କାଣିଚାଏ ॥
ଦୁଃଖି କିନ୍ତୁ ଦୁଃଖ ପାଇ ଦେହ ସୁହା ହୋଇତ ଗଲାଣି
ସୁଖୀ କିନ୍ତୁ ଭାବୁଥାଏ ସୁଖକୁ ମୁଁ ଦେବିନି ମେଲାଣି ॥
ଭାଗ୍ୟର ଗତି କିନ୍ତୁ ଅତ୍ୟନ୍ତ ନିଆରା
ଚକ ଓଲଟିଲେ ପାଏ ନାହିଁ କୁଳ କି କିନାରା ॥
ଦୁଃଖ ଆଉ ସୁଖ ମୁଦ୍ରା ପରି ଯେବେ ।
କେବେ କେହି ଯାଣେ ନାହିଁ,
ଦୁଃଖ ମୋ ଜୀବନରେ ଆସିଜିବ କେବେ ॥
ସବୁବେଳେ ସଜାଗରେ ଥିବ ଏହା ଭାବି
କେତେବେଳେ କାହା ଭାଗ୍ୟେ କାଉଦେବ ରାବି ॥
ସବୁ କିଛି ହୁଏ କିନ୍ତୁ ତାଙ୍କରି ଇଚ୍ଛାରେ
କିଏ ପୁଣି ଚାଲିଥାଏ ତା ନିଜ ଇଚ୍ଛାରେ ॥

ଜାଣିନାହିଁ କେବେ କିନ୍ତୁ ନେବି କାହା ସାହାରା

ଜୀବନକୁ ଏମିତି ଗଢ଼ିବି ମୁଁ, ହେବାକୁ ନିଆରା ।।

ଜୀବନ ଥିଲେ ମୃତ୍ୟୁ ତ ନିଶ୍ଚିତ ।

କର୍ତ୍ତବ୍ୟ ସାରି ଫେରି ଯିବା ତ ସୁ-ନିଶ୍ଚିତ ।।

ସବୁବେଳେ ଭାବିଚିନ୍ତି ଚାଲିଥିଲେ ବାଟ ।

କେବେ ତୁମକୁ ଶୁଣିବାକୁ ପଡ଼ିବନି କାହାର ଆକଟ ।।

ସଂସାର ମାୟାରେ ଛନ୍ଦି ହୋଇ, ନ ଯାଉ ତୋ ମନ ।

କେବେ ତୁ ଫେରିବୁ, ତାହା ନ ଜାଣୁରେ ଧନ ।।

ସଂସାରକୁ ଛାଡ଼ି କିନ୍ତୁ ଯିବାକୁ ତ ହେବ ।

କର୍ତ୍ତବ୍ୟ ସରିବା ଆଗରୁ, ଗଲେ ଅପବାଦନେବ ।।



# MY PERCEPTION



**Manoj Kumar Sahoo**
Advocate

The college is an institution which offers post secondary education or specialised, professional or vocational training. But the institute "STHITIPRAJNA HIGHER SECONDARY SCHOOL" when comes to its concern that is conspicuous as a collective response of academic, professional and vocational learning epitome.

So far higher education is concerned, it always stresses the development of the whole students along with several dimensions like intellectual, social, civil, physical, moral and spiritual. It is no doubt that the institute 'STHITIPRAJNA HIGHER SECONDARY SCHOOL' has this quality of providing the said dimensions.

When there is approach of two prominent themes that inform our views of student learning and development. The institute stresses the important role of meaning making of how students make sense of their journey in life. Meaning making is a motivating experience in which students actively question how they approach and grapple with knowledge, how understanding redefines or reinforces their goals and values and how they learn from their various encounters with the words around them.

The second theme that the institute emphasizes the knowledge of development among the students that based on symbiotic relationship between a person and another person and a person with an environment. The institute also makes the students learned that how intra personal development is focused on increasing awareness of one's own values and self identity and integrating these into one's sense of personhood and how it is centered on one's willingness to interact with persons with different social norms and cultural backgrounds, acceptance of others and to be comfort when relating to others.

The institute also communicates the knowledge among the students that how can they feel their college as a community with positive perceptions.

The institute being a bonafide entity also invokes the ideas of involvement of co-curricular activities among the students which paves the ways of considering developments of personality and social responsibility.

Lastly, I especially express my gratitude to the secretary of the aforementioned institute to give me a spectacular chance of commenting over the peculiarities of his institute.

# AN ABRUPT FORTUNE LEADING TO AN INCREDIBLE FOUNDATION



*Acosmica Mishra*

“ALL GROWTH DEPENDS UPON ACTIVITY. THERE IS NO DEVELOPMENT PHYSICALLY OR INTELLECTUALLY WITHOUT EFFORT AND EFFORT MEANS WORK.” Yes it’s a fact said by Calvin Coolidge This quote has a greater significance of human value in real sense. It is truly reflected here that a development, growth, evolution whether it be physical or intellectual depends man’s work or effort to puts into. To put this into a right platform there is a glimpse of such a development which is a result of an abrupt fortune.

In the year 2009 Mr. Ramakanta Mishra kept the pillar of the foundation with lots of dreams behind. It was the foundation of a mesmerizing institution, “Sthitiprajna College.” For him it was not only a platform for student’s development but also a deep emotional view attached to it as he had established this institution in the memory of her daughter late Stithiprajna Mishra. Till his journey he tried adorably everything for the upliftment and development of the college ,but with due course, nature brought another disaster; an abrupt fortune, Mr. Ramakanta Mishra the founder of the college left the world with his dream half filled just like a glass half filled with water.

With the passage of time after the demise of the founder, the responsibility of foundation was taken by Mr.Aptakama Mishra. He not only entered the college as the son of the late founder but as the Secretary of the “Sthitiprajna College with full of responsibilities, enthusiasm and courage. He was able to turn the face of the coin, eliminating negative vibes and of establishing a developed future for the upliftment of the college. It was and is his far sighted vision and rigid attitude which led to the development of the institution. The college is now well renowned, distinguished amongst the colleges.

This was a glimpse, fact of an institution which faced difficulties, plight at every turn but still is withstanding just like a evergreen tree after a flood. The students, faculty members associated with it must be feeling proud and privileged. This type of institution which has never laid-down his foot in any plight sets of brightest example for those who fail to develop their fortune into their development.

# ଆମ ସ୍ମୃତି









# ଆମ ସ୍ମୃତି











# ଆମ ସ୍ମୃତି











# ଆମ ସ୍ମୃତି













# ଅଧାପକ ଓ ଅଧାପିକାଙ୍କ କଲମରୁ



# ମୁଁ ଓ ସ୍ଥିତିପ୍ରଜ୍ଞା



ଶ୍ରୀମତୀ ବିଜୟିନୀ ମିଶ୍ର
ଅଧ୍ୟାପିକା ଗୃହ ବିଜ୍ଞାନ ବିଭାଗ

ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଷୟରେ ଲେଖିବା କିଛି ଛୋଟ କଥା ନୁହେଁ । ପାରିବି ତ ! ପ୍ରତି ମୁହୂର୍ତ୍ତରେ ଏଇ ପ୍ରଶ୍ନ ମୋ ମନରେ ଉଠି, ଯେମିତି ମତେ ଅସହାୟ କରି ଦେଉଛି, କେତେ ବା ଜାଣିଛି ମୁଁ ? ତଥାପି ଏଇ ଚେଷ୍ଟା ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଦେବା ମୋ ପାଇଁ ଏକ ବଡ଼ ସଫଳତା । ସବୁ ଦ୍ୱାର ବନ୍ଦ ହୋଇ, ମୁଁ ଯେତେବେଳେ ଅଣନିଃଶ୍ୱାସୀ ହୋଇପଡୁଥିଲି, ଠିକ୍ ସେତିକିବେଳେ, ଗୋଟିଏ ଅଦୃଷ୍ଟ ଶକ୍ତି ଯେମିତି ମୋର ହାତ ଧରି ଏଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବାଟ କଢ଼େଇ ଆଣିଥିଲା । ସବୁବେଳେ ଭଗବାନଙ୍କର ଇଚ୍ଛା କାହା ମାଧ୍ୟମରେ ସଫଳ ହୋଇଥାଏ, ମୋ କ୍ଷେତ୍ରରେ ସେଇ ମାଧ୍ୟମ ହୋଇଥିଲେ ଆଗରୁ କେବେ ସଂପାଦକ ମହୋଦୟ ସାର୍‌ଙ୍କୁ ଦେଖିନଥିଲି, ମାତ୍ର ଦି ଚାରି ଥର ଦେଖାହେବା ପରେ, କଲେଜରେ ଯୋଗ ଦେବା କଥା ତାଙ୍କ ପାଟିରୁ କେମିତି ବାହାରିଲା ? ସେ କେମିତି ଜାଣିଲେ ମୁଁ ଗୃହ ବିଜ୍ଞାନରେ ସ୍ନାତ୍ତୋକତ୍ତର କରିଛି ବୋଲି । ସବୁ ଏବେବି ମୋ ଆଗରେ ଆଶ୍ଚର୍ଯ୍ୟ ମନେ ହୁଏ ।

କଲେଜକୁ ମୁଁ ଇଟା, ସିମେଣ୍ଟ, ବାଲି ଓ ଗୋଡ଼ିର ଗୋଟେ ନିର୍ଜୀବ ଅନୁଷ୍ଠାନ ବୋଲି କେବ ବି ଭାବିନି । ମୁଁ ତାକୁ ଜୀବନ୍ତ ଏକ ଛୋଟ ଶିଶୁ ଭାବରେ ଅନୁଭବ କରିଛି । ଯୋଉ ଶିଶୁ କେବଳ ବସି ଜାଣିଛି, ଉଠି, ଠିଆ ହୋଇ କୁନି କୁନି ଟଳମଳ ପାଦଥାପି ଏକ ଲମ୍ବା ରାସ୍ତା ତାକୁ ପାର କରିବାର ଅଛି । ଏଇ ଠିଆ ହୋଇ ଚାଲିବାକୁ ଆରମ୍ଭ କରିବା ବେଳେ ହୁଏତ ତା'ର ପାଦଏପଟ ସେପଟ ହୋଇଯିବ, ଯେମିତି ଗୋଟିଏ ଚାଲିବାକୁ ଆରମ୍ଭ କରିଥିବା ସୁନାପିଲା ବାରମ୍ବାର ପଡ଼ିଉଠି ପରିବାରର ସହାୟତାରେ ଚାଲି ଶିଖିଥାଏ । ଏଠି ଆମ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ । ପଡ଼ିଯିବା ପୂର୍ବରୁ ନିଜ ହାତ ବଢ଼ାଇ ତାକୁ ସମ୍ଭାଳି ନେବାକୁ ପଡ଼ିବ । ଏଇ ଦାୟିତ୍ୱ ଆମ ସମସ୍ତଙ୍କର । ପିଲାମାନଙ୍କ, ଅଭିଭାବକମାନଙ୍କର, କଲେଜର ସମସ୍ତଙ୍କର ।

ଆଉ ତା' ବିଷୟରେ କ'ଣ କହିବି କଲେଜ ମୋ ପାଇଁ ସେତୁବନ୍ଧ ଓ ମୁଁ ତା'ର ଗୁଣ୍ଡୁଚିମୂଷା । ମୁଁ

ସେଠି ମୋ ଦେହରୁ କେବଳ ଟିକେ ବାଲି ଝାଡ଼ି ଦେଇଛି, ଆଉ ପାଇଛି ମୋ ପରିଚୟ, ମୋର ବିଶ୍ୱାସ, ସମ୍ମାନ ଓ ପ୍ରତିଷ୍ଠା । ଠାକୁର କରନ୍ତୁ ସେ ଶିକ୍ଷାକାଶରେ ଧ୍ରୁବ ତାରା ପରି ଚିର ଯାଜ୍ୱଲ୍ୟମାନ ହୋଇ ଚମକୁଥାଉ ଓ ସବୁ ପଥହରା ଛାତ୍ରମାନଙ୍କୁ ପଥ ଦେଖାଉ । ସେ ମୋର ଚିର ନମସ୍ୟ । "ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟ ।" ❀❀❀

## ପରିଚୟ

ଜୀବନର ଏଇ ଅପରାହ୍ନରେ
ଫୁରୁସତ ଯେବେ ପାଇଲି,
ପଛକୁ ଚାହିଁ ମୁଁ ନିଜ ଜୀବନକୁ
ଆଉ ଥରେ ନୂଆ ଦେଖିଲି ।
ସବୁ ଅଭିମାନ ରାଗ ଆଉ ରୁଷା
କିଛି ବି ଖୋଜିଲେ ମିଳୁନି,
କଷ୍ଟ ଓ ଯନ୍ତ୍ରଣା ଅସହ୍ୟ ବେଦନା
ଆଜି କିଛି ମନେ ପଡୁନି ।
ସବୁ ମୁହୂର୍ତ୍ତକୁ ଏକାଠି କରି ମୁଁ
ରଙ୍ଗାଇବା ପାଇଁ ବସିଛି
ଇନ୍ଦ୍ରଧନୁର ସାତରଙ୍ଗ ସତେ
ଫିକା, ଫିକା ମତେ ଲାଗୁଛି ।
ଦୁହିତା, ଭଗିନୀ, ଜାୟା ଓ ଜନନୀ
ସବୁ ପରିଚୟ ପାଇଛି
ସେକୂଳ, ଏକୂଳ ଦୁଇ କୂଳ ଧରି
ସତେ ମୁଁ ତଟିନୀ ବହୁଛି ।
ତଥାପି କାହିଁକି ଜୀବନଟା ଆଜି
ଅଧା ଅଧ ମତେ ଲାଗୁଛି
ନିଶବ୍ଦ ରାତିରେ ଦୂରରୁ ଯେମିତି
ରାଧା, ରାଧା କିଏ ଡାକୁଛି ।

# ସ୍ମୃତିରେ ସ୍ଥିତି



ଶ୍ରୀମତୀ ବିଳାସିନୀ ମିଶ୍ର
ଅଧ୍ୟାପିକା, ଶିକ୍ଷା ବିଭାଗ

ସ୍ଥିର କେହି ନାହିଁ ଏଧରା ଧାମରେ
ଅନୁଭବ କରିଛି ମୁଁ ଏ ଜୀବନରେ ।
ଦେଖିନି ତାଙ୍କୁ ମୁଁ ଏଚର୍ମ ଚକ୍ଷୁରେ
ଶୁଣିଛି ଅନେକ ପିତା ମାତା ଓ ଭାଇଙ୍କ ମୁହଁରେ ।
ଥିଲେ ସେ କୋମଳ ସ୍ଥିର ଅଲିଅଳ
ନନା ବୋଉଙ୍କ ଜୀବନ ଭାଇଙ୍କ ରଙ୍କୁଣି ଧନ ।
କଣ୍ଠେ ତାଙ୍କ ସରସ୍ୱତୀ ଅନ୍ତରେ ଗୁରୁଭକ୍ତି
ଥିଲେ ସେ ଅତି ମିଷ୍ଟଭାଷୀ ମମତାମୟୀ ସ୍ଥିତି ।
ଚାଲିଗଲେ ସଂସାର ଛାଡ଼ି
ଘରର ଖୁସିକୁ ଉଜାଡ଼ି ।
ଅସ୍ଥିରତା ସଭିଙ୍କ ମନରେ, ହସ ଯାଇଥିଲା ଛାଡ଼ି
ନନା ବୋଉଙ୍କ ମିଳିତ ଉଦ୍ୟମେ
ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟ ନାମେ
ଗଢ଼ାହେଲା ଶିକ୍ଷାନୁଷ୍ଠାନଟି
କଟକ ନିକଟେ ଲିଙ୍ଗରାଜ ଧାମେ ।
ଶାନ୍ତ ସୁଶୀତଳ ପରିବେଶ ମଧ୍ୟେ
ଅନେକ ଆଶା ଓ ଆକାଂକ୍ଷା ମନରେ ବାନ୍ଧେ



ପ୍ରତିଷ୍ଠା ହେଲା ବିଦ୍ୟାଳୟଟି
ବହୁ ବାଧା ବିଘ୍ନ ମଧ୍ୟେ ।
ସତେକି ଜୀବନ୍ତ "ସ୍ଥିତି" ଏଇଠି
ପିଲାଙ୍କ ମଧ୍ୟେ ମୁଁ ଦେଖଇ ତାଙ୍କୁ
ଇଚ୍ଛା ମୋ ପିଲା ବି ପଢ଼ନ୍ତୁ ବଢ଼ନ୍ତୁ
ଉଚ୍ଚ କରନ୍ତୁ ତାଙ୍କ ନାଆଁକୁ ।
ଶିକ୍ଷାଦାତା ଏଠି ଅତି ନିପୁଣ
ଖାଲି ଶିକ୍ଷା ନୁହେଁ ଶିଖାନ୍ତି ଗୁଣ ।
ଚରିତ୍ର ଗଠନେ ଦିଅନ୍ତି ଧ୍ୟାନ
ଶିକ୍ଷାର୍ଥୀ ଶିଖନ୍ତି ଲଗାଇ ମନ ।
ଖାଲି ପାଠେ ନୁହେଁ ସାଠେବି ଦକ୍ଷ
କରାଇବା ଆମ ସଭିଙ୍କ ଲକ୍ଷ
ନୃତ୍ୟ, ଗୀତ, ତର୍କ ସମାଜସେବା
ଛାତ୍ରେ ସନ୍ନିହିତ ଗୁଣକୁ ଦେଖ ।
ଜୟଜୟକାର କରନ୍ତୁ ସର୍ବେ
ବିଦ୍ୟାଳୟ ଚାଲିଥାଉ ସଗର୍ବେ
ଏତିକି ମିନତି ପ୍ରଭୁପାଦତଳେ
"ସ୍ଥିତି"ଙ୍କ ସ୍ମୃତି ଅଲିଭା ରଖିବେ ।

# ଅନୁଭୂତିରୁ ପଦେ



**ସୁକାନ୍ତ କୁମାର ବିଶ୍ୱାଳ**
ଅଧ୍ୟାପକ ଇତିହାସ ବିଭାଗ

ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱରର ପଥରଗାଡ଼ିଆ ଅଞ୍ଚଳରେ ଅବସ୍ଥିତ । ପ୍ରକୃତିର ମନୋରମ ପରିବେଶ, ଏହି ମହାବିଦ୍ୟାଳୟର ଶୋଭା ବର୍ଦ୍ଧନ କରିଅଛି । ଏଠାରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଧ୍ୟୟନରତ । ଏହି ମହାବିଦ୍ୟାଳରେ କଳା ଓ ବିଜ୍ଞାନ ବିଭାଗ ରହିଅଛି । ଏହା ମହାବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ ସ୍ୱର୍ଗତ ରମାକାନ୍ତ ମିଶ୍ର । ସେ ଏକାଧାରରେ ଜଣେ ଶିକ୍ଷାବିତ, ଦାର୍ଶନିକ ତଥା ଉପଦେଷ୍ଟା ଭାବେ ଓଡ଼ିଶାରେ ଜଣାଶୁଣା । ତାଙ୍କର ଏକମାତ୍ର କନ୍ୟା ଥିଲେ ସ୍ଥିତିପ୍ରଜ୍ଞା । ସ୍ଥିତିପ୍ରଜ୍ଞା ନିଜର ଅଳ୍ପଆୟୁ କାଳରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ । ନିଜର ସୁଲଳିତ କଣ୍ଠଯୋଗୁଁ ଅନେକ ଶ୍ରେଷ୍ଠ ଗୀତିକାର ସଙ୍ଗୀତ ନିର୍ଦ୍ଦେଶକମାନେ ତାଙ୍କର ଭୂୟସୀ ପ୍ରଶଂସା କରୁଥିଲେ । ଅଳ୍ପ ବୟସରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । ସ୍ମୃତିଚାରଣ ନିମନ୍ତେ ତାଙ୍କର ପିତା ଏକ ମହାବିଦ୍ୟାଳୟ ତାଙ୍କ ନାମରେ ପ୍ରତିଷ୍ଠା କରିଥିଲେ । ପରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୭ ଏହି ମହାବିଦ୍ୟାଳୟ 'ସ୍ଥିତିପ୍ରଜ୍ଞା ଉଚ୍ଚ ବିଦ୍ୟାଳୟ' ନାମରେ ନାମିତ ହୋଇଅଛି ।

ସ୍ଥିତିପ୍ରଜ୍ଞା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଅଧ୍ୟାପକ / ଅଧ୍ୟାପିକାମାନେ ପ୍ରଚଣ୍ଡ ଜ୍ଞାନର ଅଧିକାରୀ ଅଟନ୍ତି । ସେମାନଙ୍କର ଶିକ୍ଷାଦାନ ପ୍ରଣାଳୀ ଅତ୍ୟନ୍ତ ନିଆରା । ପିଲାମାନଙ୍କ ପ୍ରତି ସେମାନଙ୍କର ଭଲପାଇବା ତଥା ଶିକ୍ଷାଦାନର ଅଭିନ୍ୟ ପ୍ରଣାଳୀ ପିଲାମାନଙ୍କୁ ଆକୃଷ୍ଟ କରିଥାଏ । ଏହି ଉଚ୍ଚବିଦ୍ୟାଳୟ ଏକ ପରିବାର ଭଳି । ଏହି ପରିବାରକୁ ଏକ କରି ବାନ୍ଧି ରଖିବାରେ ସେକ୍ରେଟେରୀ ଶ୍ରୀଯୁକ୍ତ ଆପ୍ତକାମ ମିଶ୍ରଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂନୀୟ । ପରିବାରକୁ ସୁଦୃଢ଼ ତଥା ଦିଗ୍‌ଦର୍ଶନ ଦେବାରେ ଅଧୁନା କାର୍ଯ୍ୟରତ ଅଧକ୍ଷ ଶ୍ରୀଯୁକ୍ତ ବସନ୍ତ କୁମାର ବିହାରୀଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏଠାରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ସମ୍ପର୍କ ଅତି ନିବିଡ଼ । ଏପରିକି ସୁଖ ଦୁଃଖରେ ସମସ୍ତେ ନିର୍ବିକାର ଭାବରେ ସାହାଯ୍ୟ ସହଯୋଗରେ ହାତ ବଢ଼ାଇଥାନ୍ତି । ଏ ପ୍ରକାର ଭଲପାଇବା ଓ ସମ୍ମାନ ଦେବା ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରେ ପର୍ଯ୍ୟବେକ୍ଷିତ ହୋଇନଥାଏ ।ସେଥିପାଇଁ ଆମର ଶିକ୍ଷାବିତ୍‌ମାନେ ନିଜର ପରିବାର ସହିତ ଏହି ଉଚ୍ଚବିଦ୍ୟାଳୟକୁ ମଧ୍ୟ ନିଜ ପରିବାର ଭଳି ମାନିଥାନ୍ତି । ତେଣୁ ଯେକୌଣସି ସହକର୍ମୀ ଯଦି ଅନୁପସ୍ଥିତ ରୁହନ୍ତି ସମସ୍ତେ ଆମେ ତାଙ୍କର ଅନୁପସ୍ଥିତିକୁ ଉପଲବ୍ଧି କରୁ । କଲେଜକୁ ସୁରମ୍ୟ ଓ ସୁନ୍ଦର ଭାବରେ

ଗଢ଼ି ତୋଳିବା ପାଇଁ ଆମର ସଂପାଦକ ସର୍ବଦା ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ପରାମର୍ଶ ଲୋଡ଼ିଥାନ୍ତି । ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ଦକ୍ଷତାକୁ ସର୍ବଦା ସେ ପ୍ରଶଂସା କରିଥାନ୍ତି । କଲେଜର ସମସ୍ତ କାର୍ଯ୍ୟ ନିଷ୍ଠାପର ଭାବେ ପାଳନ କରିବାରେ ଅଧ୍ୟାପିକା ପ୍ରିୟଙ୍କା ରାୟ ଓ ବନ୍ଦିତା ମିଶ୍ରଙ୍କର ଭୂମିକା ଅବର୍ଣ୍ଣନୀୟ । ସେମାନଙ୍କର ନିରବଚ୍ଛିନ୍ନ ନିଃସ୍ୱାର୍ଥପର କାର୍ଯ୍ୟ ଦ୍ୱାରା ଆମ୍ଭେମାନେ ଅତ୍ୟନ୍ତ ଗୌରବାନ୍ୱିତ ମନେ କରିଥାଉ ।

ଆମ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସରକାରଙ୍କ ଦ୍ୱାରା ଅନେକ ସାମାଜିକ କାର୍ଯ୍ୟ ମଧ୍ୟ ଅନୁମୋଦିତ ହୋଇଅଛି । ଯଥା ଜାତୀୟ ସେବା ଯୋଜନ (N.S.S), Youth Red Cross. ୨୦୧୬ରେ ଆମ କଲେଜରେ NSS Bosy Unit ଆରମ୍ଭ ହୋଇଥିଲା । NSS ରେ କଲେଜ ଅନେକ ଦୃଷ୍ଟି ଆକର୍ଷଣୀୟ କାର୍ଯ୍ୟ କରି ଶିଖରରେ ପହଞ୍ଚିପାରିଛି । ମାତ୍ର ଅଳ୍ପ ସମୟ ବ୍ୟବଧାନରେ Girls Unit ମଧ୍ୟ ଖୋଲା ଯାଇଛି । ଜିଲ୍ଲା ସ୍ତରୀୟ ତଥା ଜାତୀୟ ସ୍ତରରେ ଆମେ ମଧ୍ୟ ଆମର ଶ୍ରେଷ୍ଠତା ପ୍ରତିପାଦନ କରିଅଛୁ । ଆମର ପିଲାମାନେ NSS କ୍ଷେତ୍ରରେ କଲେଜ ପାଇଁ ମଧ୍ୟ ଅନେକ ଗୌରବ ଅର୍ଜନ କରିଅଛନ୍ତି । ଆମ କଲେଜ ପରିସରରେ ମଧ୍ୟ ବିଶିଷ୍ଟ ଅତିଥିମାନେ ପଦାର୍ପଣ କରି ଆମର NSS କାର୍ଯ୍ୟରେ ଶୋଭାବର୍ଦ୍ଧନ କରିଅଛନ୍ତି । NSS ପୂର୍ବତନ Cordinator ଡ. ଦୀପକ କୁମାର ବେହେରା, NSS ର ETI Trainer ନୀରୋଦବାରନ ଖୁଣ୍ଟିଆ ତଥା ଅନେକ ଶିକ୍ଷାବିତ, ଦାର୍ଶନିକଙ୍କ ଉପସ୍ଥିତି ଆମମାନଙ୍କୁ ଅନେକ ପ୍ରେରଣା ଦେଇଛି । ସେଥିପାଇଁ ଆମ କଲେଜ NSS ରେ କେବଳ ଖୋର୍ଦ୍ଧା ଜିଲ୍ଲା ନୁହେଁ ବରଂ ଅନେକ ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଅଛି । ସେଥିପାଇଁ ଆମର ପିଲାମାନେ ତଥା ଅଧ୍ୟାପିକା / ଅଧ୍ୟାପକମାନେ ଓ ଅଧ୍ୟକ୍ଷଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ।

ମୋର ଅଭିଜ୍ଞତାରୁ ମୁଁ ଅନୁଭବ କରୁଛି ଏହି ବିଦ୍ୟାଳୟରେ ମୁଁ ଜଣେ ଅଧ୍ୟାପକ ଭାବରେ ଯୋଗଦେଇ ନିଜକୁ ଧନ୍ୟ ମନେ କରେ । କାରଣ ଏଠାରେ ମୁଁ ଅନେକ କିଛି ଶିକ୍ଷାଲାଭ କରିଛି । ତ୍ୟାଗ, ଭଲପାଇବା, ସାହାନୁଭୂତି ତଥା ସମ୍ମାନ ଏହିଠାରେ ମୋର କ୍ଷୀଣ ପ୍ରତିଭାକୁ ଅନେକ ମାତ୍ରାରେ ଜାଗ୍ରତ କରିଛି । ଯେତେବେଳେ ମୁଁ ଘରୁ ବାହାରି ବିଦ୍ୟାଳୟରେ ପାଦଦିଏ ମୋ ମନରେ ଥିବା ସବୁ ଅବସାଦ, ପିଡ଼ାକୁ ଭୁଲିଯାଏ । ମନରେ ପୁଲକତା ଆସେ ଆଗକୁ ବଢ଼ିବାର ପ୍ରେରଣା ପାଏ । ଅନୁଭବ କରେ ମୋ ପରିବାରରେ ମୁଁ ଅଛି । ଅଧ୍ୟାପକ ଓ ଅଧ୍ୟାପିକାଙ୍କର ପରାମର୍ଶ, ସହଯୋଗରେ ନିଜର ସମସ୍ୟା ମଧ୍ୟ ଦୂର କରେ । ସର୍ବୋପରି ମୁଁ ଏହି ବିଦ୍ୟାଳୟର ଏକ ଅଂଶିଦାର ଭାବରେ ଗର୍ବ କରେ । ❋❋❋

# ଅନୁଭୂତିରୁ ଅଭିଜ୍ଞତା



ପ୍ରିୟଙ୍କା ରାଏ
ଅଧାପିକା ଉଭିଦବିଜ୍ଞାନ ବିଭାଗ

ଅନୁଭବ - ଅନୁଭୂତି ଓ ଅଭିଜ୍ଞତା ଗୋଟିଏ ସରଳ ରେଖାରେ ସମାହିତ । ମୋ ଲେଖାର ନାମକରଣ ଦେଖି ମନରେ ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ ଯେ, ଏହିପରି ନାମକରଣର ତାତ୍ପର୍ଯ୍ୟ କ'ଣ ହୋଇଥାଇପାରେ । ସାଧାରଣ ଭାବେ କହିବାକୁ ଗଲେ ଏହି ଲେଖାଟି ମୋ ଚଲାପଥର ନିଚ୍ଛକ ପ୍ରତିଛବିଟିଏ । ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟରେ ମୋର ଅଧ୍ୟାପିକା ଭାବେ କାର୍ଯ୍ୟ କରିବା ୬ ବର୍ଷ ହୋଇଯିବ । ମୋର ମହାବିଦ୍ୟାଳୟରେ ଏତେ ଦିନର ଅଧ୍ୟାପିକା ସମୟ ଭିତରେ ଯାହା କିଛି ସମ୍ପାଦକ ସାର୍, ଅଧକ୍ଷ ସାର୍ ଓ ଅନ୍ୟ ବିଭାଗର ସାର୍ ଓ ମ୍ୟାଡମ୍‌ମାନଙ୍କଠାରୁ ଆହରଣ କରିଛି ଏହି ଲେଖା ମାଧ୍ୟମରେ ତାହା ଉପସ୍ଥାପିତ କରିବାକୁ ପ୍ରୟାସ କରିଛି ।

ମୋର ପ୍ରଥମ ଅନୁଭୂତି ସମ୍ପାଦକ ସାର୍ ସବୁ ସମୟରେ କୁହନ୍ତି, "କଲେଜର ସ୍ଥାୟୀତ୍ୱ ଆପଣମାନଙ୍କର ଦାୟିତ୍ୱ", ଏହି କଥା ସାର୍‌ଙ୍କର ଆମମାନଙ୍କ ଉପରେ ଥିବା ବିଶ୍ୱାସ ଓ ସମ୍ମାନବୋଧକୁ ଦର୍ଶାଇ ଥାଏ । ୨୦୧୭ ମସିହାରେ ମୋତେ NSS ର P.O. ଭାବେ ଦାୟିତ୍ୱ ଦିଆଯାଇଥିଲା । ମୋର NSS ବିଷୟରେ କିଛି ବି ଜ୍ଞାନ ନଥିଲା । କିନ୍ତୁ ଅଧକ୍ଷ ସାର୍ NSS ବିଷୟରେ ମୋତେ ଅବଗତ କରାଇଥିଲେ ଓ ତାଙ୍କର ଅନୁଭୂତି ମଧ୍ୟ କହିଥିଲେ । ସମ୍ପାଦକ ସାର୍ ମୋତେ କହିଥିଲେ ଯେ, "ଦାୟିତ୍ୱ ଦିଆଯାଏ ନାହିଁ ନିଆ ଯାଏ ।" ମୁଁ ସେହି କଥାର ମୂଲ୍ୟବୋଧ ଏବେ ବୁଝିପାରୁଛି । ମୋ ଭିତରେ ଲୁଚି ରହିଥିବା ନେତୃତ୍ୱ ନେବାର ଏହି ଗୁଣକୁ ପରକ୍ଷୀ ପାରି ପରିପ୍ରକାଶ କରାଇବାରେ ସାହାଯ୍ୟ କରିଥିବାରୁ ସାର୍ ଆପଣଙ୍କୁ ଧନ୍ୟବାଦ୍ । ସମ୍ପାଦକ ସାର୍‌ଙ୍କର ଆଉ ଗୋଟିଏ କଥା ଯାହାକୁ ମୁଁ ବ୍ୟକ୍ତିଗତ ଜୀବନରେ ବ୍ୟବହାର କରୁଛି ତାହା ହେଲା ସାର୍ ସବୁବେଳେ କୁହନ୍ତି ଯାହା ଚାଲିଯାଇଛି ସେ ବିଷୟରେ ଚିନ୍ତା ନକରି ଆମ ପାଖରେ ବର୍ତ୍ତମାନରେ ଯାହା ଅଛି ତାହାର କିପରି ସଦୁପଯୋଗ କରିବ, ତାହା ହିଁ ହେଉଛି ଉତ୍ତମ ବ୍ୟକ୍ତିର ପରିଚୟ । କିଛି ନୂଆ ଦାୟିତ୍ୱ ଦେବା ପୂର୍ବରୁ ସାର୍ କୁହନ୍ତି ଯେ, ମୁଁ ଆପଣମାନଙ୍କୁ "Free hand" ଦେଉଛି । ତୁମକୁ ଯାହା ଭଲ ଲାଗୁଛି ତାହା କର । ଭଲ ହେଲେ ଶ୍ରେୟ ତୁମର । କିନ୍ତୁ ଖରାପ

ହେଲେ କେବେ ଭାବିବ ନାହିଁ ଯେ, ମୁଁ ତୁମ ପଛରେ ନାହିଁ । ଆମମାନଙ୍କ ଭିତରେ ଥିବା ଭୟ ଓ କିଛି ନୂଆ ଦାୟିତ୍ୱ ନେବାର ଡରକୁ ଦୂର କରିଥିବାରୁ ଧନ୍ୟବାଦସାର୍ ।

ମୋ ବିଦ୍ୟାଳୟର ଇତିହାସ ବିଭାଗର ସାର୍ ହେଉଛନ୍ତି ସବୁଠୁ ନିଆରା ଓ ସମସ୍ତଙ୍କର ପ୍ରିୟ । ତାଙ୍କର ଆଉ ଏକ ପରିଚୟ ହେଉଛି ସେ NSS boys unitର P.O. । ସମ୍ପାଦକ ସାର୍ ଯେତେବେଳେ ସାର୍‌କୁ କିଛି ଦାୟିତ୍ୱ ଦିଅନ୍ତି ସାର୍ ତତ୍‌କ୍ଷଣାତ୍ କୁହନ୍ତି ମ୍ୟାଡମ୍ ଅଛନ୍ତି ବ୍ୟସ୍ତ ହୁଅନ୍ତୁ ନାହିଁ କାମ ହୋଇଯିବ । ଏହି କଥା ମୋ ଭିତରେ ଥିବା ଆତ୍ମ ବିଶ୍ୱାସକୁ ବୃଦ୍ଧି କରାଇପାରିଛି ସେଥିପାଇଁ ଧନ୍ୟବାଦ୍ ।

ମୋର ଏହି ପ୍ରତ୍ୟେକ ଉପସ୍ଥାପନାରେ ମୁଁ ବାରମ୍ବାର "ମୋର ମହାବିଦ୍ୟାଳୟ" ଉଚ୍ଚାରଣ କରୁଅଛି ତା'ର ଏକମାତ୍ର କାରଣ ହେଉଛି, ଏହି ମହାବିଦ୍ୟାଳୟ ପ୍ରତି ଥିବା ମୋର ଶ୍ରଦ୍ଧା ଓ କିଛି ଚିରସ୍ମରଣୀୟ ଅନୁଭୂତି । ଏହି ମହାବିଦ୍ୟାଳୟ ମତେ ଅଧ୍ୟାପିକା ଭାବେ ପରିଚିତ କରାଇଛି । ପଥପଦର୍ଶକ ବିନା କେହି କେବେ ଉନ୍ନତିର ଶିଖରରେ ପହଞ୍ଚି ନାହିଁ । ଆମ ମହାବିଦ୍ୟାଳୟର ସମ୍ପାଦକ ସାର୍ ଓ ଅଧ୍ୟକ୍ଷ ସାର୍‌ଙ୍କ ଛାୟାତଳେ ଶିଖର ଛୁଇଁବା ମୋ ପାଇଁ ସହଜ ସାଧ ହୋଇପାରିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।



# ମୋ ଦୃଷ୍ଟିରେ ବିଦ୍ୟାଳୟ



**ଡଃ. ରଞ୍ଜିତା ପ୍ରଧାନ**
**ଅଧ୍ୟାପିକା,** ଗଣିତ ବିଭାଗ

ସହରର ଉପକଣ୍ଠରେ ଏକ ନୈସର୍ଗିକ ବାତାବରଣରେ ସ୍ଥିତିପ୍ରଜ୍ଞା ମହାବିଦ୍ୟାଳୟ ଦଣ୍ଡାୟମାନ । ମହାବିଦ୍ୟାଳୟର ଫାଟକ ଖୋଲି ଭିତରକୁ ପ୍ରବେଶ କଲେ ସ୍ୱର୍ଗୀୟ ଆନନ୍ଦର ଅନୁଭବ ଅନୁଭୂତ ହୁଏ । ସହରର ନିକଟରେ ଅବସ୍ଥିତ ଥିଲେ ମଧ୍ୟ ଶିକ୍ଷା ଗ୍ରହଣ ପାଇଁ ଏହା ଏକ ଉପଯୁକ୍ତ ପରିବେଶରେ ବିବେଚିତ ହୋଇଥାଏ । ମହାବିଦ୍ୟାଳୟ ପରିସର ଭିତରେ ପ୍ରତିଟି ବୃକ୍ଷ ପବନରେ ଲୋଳାୟିତ ହୋଇ ହସି ହସି ସ୍ୱାଗତ କରୁଥାଏ । ଏହି ମନୋଜ୍ଞ ପରିବେଶରେ ଦିନେ ମୁଁ ଛିଡ଼ା ହୋଇ ଭାବୁଥିଲି ଗୋଟିଏ ମାଗାଜିନ୍‌ଟିଏ ପ୍ରକାଶ ପାଆନ୍ତା କି ? ଯେଉଁଥିରେ କି ମୋ ମନର ଭାଷାକୁ ଶବ୍ଦର ରୂପ ଦେଇ ପାରନ୍ତି । ଆଜି ମୋର ସେଇ ମନସ୍କାମନାଟି ପୁରଣ ହେବାକୁ ଯାଉଛି । ଏସବୁ ସମ୍ଭବ ହୋଇପାରିଛି କେବଳ ଆମର ସେକ୍ରେଟାରୀ ମହୋଦୟଙ୍କ ଇଚ୍ଛା ଓ ଆଗ୍ରହ ପାଇଁ । ତାଙ୍କର ସ୍ୱପ୍ନ, ତାଙ୍କର ଇଚ୍ଛା ଆମେ ଏମିତି ଏକ ମହାବିଦ୍ୟାଳୟ ଗଢ଼ିବା ଯାହାକି ଶିକ୍ଷା କ୍ଷେତ୍ରରେ ଅନନ୍ୟ ହୋଇଥିବ । ବାସ୍ତବରେ ତାହା ଧୀରେ ଧୀରେ ସଫଳ ରୂପାୟନରେ ପରିଣତ ହେବାକୁ ଲାଗିଛି । ସେକ୍ରେଟାରୀ ସାର୍‌ଙ୍କ ଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟକୁ ଆଗକୁ ନେବାରେ ଚେଷ୍ଟା ଅଦମନୀୟ । ଏଥିସହ ତାଙ୍କର ଅଦମ୍ୟ ଚେଷ୍ଟା ଫଳରେ ମହାବିଦ୍ୟାଳୟଟି ଆଜି କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ କ୍ରୀଡ଼ା, କମ୍ପ୍ୟୁଟର, ଯୋଗ ଶିକ୍ଷା, NSS, Redcross ଆଦି ଅନେକ ଯୋଜନାକୁ ଆପଣେଇଛି । ବିଗତ ବର୍ଷ ଭଳି ମଧ୍ୟ ଗତ ବର୍ଷ ଶତ ପ୍ରତିଶତ ପରୀକ୍ଷା ଫଳକୁ ନେଇ ମହାବିଦ୍ୟାଳୟ ଆଜି ଗର୍ବିତ । ଶିକ୍ଷକ ଶକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନଙ୍କର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥାଏ । ଏହା ଏମିତି ଏକ ଶିକ୍ଷାନୁଷ୍ଠାନ ଯେଉଁଠି ସମସ୍ତଙ୍କ ଭିତରେ ଏକ ଆତ୍ମୀୟତାଭାବ ଆପଣେଇବାର ଭାବ, ତଥା ଏକ ପରିବାର ଭଳି ବାନ୍ଧି ରଖିବାର ସୂତ୍ର ଶିଖାଇଛନ୍ତି ସମ୍ପାଦକ ସାର୍ ।

# ସ୍ଥିତିପ୍ରଜ୍ଞାର ପ୍ରାଙ୍ଗଣ



**ବିପ୍ଳବ କିଶୋର ରଥ**
ଅଧ୍ୟାପକ ଓଡ଼ିଆ ବିଭାଗ

ଜୀବନରେ ଏମିତି କିଛି ଘଟଣା ଘଟିଥାଏ ଯାହା ଜୀବନର କଳାପଟାରେ କିଛି ସ୍ମୃତି ଆଙ୍କି ଦେଇ ଚାଲିଯାଏ । ଯାହାକୁ ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ । ଠିକ୍ ସେହିପରି କିଛି ଅନୁଭୂତିର ରୋମାଞ୍ଚନରେ ମନେପଡ଼େ କିଛି ଅଭୁଲା ସ୍ମୃତି ଯାହା ଘଟିଯାଇଥିଲା ସ୍ଥିତିପ୍ରଜ୍ଞା ପ୍ରାଙ୍ଗଣରେ । ସେ ପ୍ରାଙ୍ଗଣ ବକୁଳ ବନର କୁଟିର ନଥିଲା ପରନ୍ତୁ ଥିଲା ସ୍ନେହ ଓ ଶ୍ରଦ୍ଧାର ମୂର୍ତ୍ତିମନ୍ତ ପ୍ରତୀକ । ଯେଉଁଠି ବହୁ ପ୍ରଜାପତି ନିଜର ସ୍ୱପ୍ନକୁ ଚରିତାର୍ଥ କରିବା ପାଇଁ ଲାଗିପଡ଼ିଥିଲେ ।

ଏହି ସ୍ଥିତିପ୍ରଜ୍ଞାର ପ୍ରାଙ୍ଗଣ ମୋ ସ୍ୱପ୍ନକୁ ଚରିତାର୍ଥ କରିବାକୁ ପ୍ରେରଣା ଯୋଗାଇଥିଲା । ଯେଉଁଠି ମୁଁ ନିଜର ପରିଚୟ ସୃଷ୍ଟି କରିବାର ମାର୍ଗ ଦେଖିପାରିଥିଲି, ନିଜକୁ ଚିହ୍ନିବା ଆଉ ଚିହ୍ନେଇବାର ସୁବର୍ଣ୍ଣ ସୁଯୋଗ ପାଇଥିଲି । ଏହାର ପରିବେଶ ଭିତରେ କେତେ ଯେ ସ୍ୱପ୍ନ ଜୀବନ୍ତ ରୂପ ନେଇଛି ତାହା ବ୍ୟକ୍ତ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ଲେଖନୀ ଧରିବାକୁ ପ୍ରୋତ୍ସାହନ ପ୍ରଥମେ ଏହି ପରିବେଶରୁ ପାଇଛି । ଏହାର ବକ୍ଷ ସ୍ଥଳରେ ରହି ବହୁ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିପାରିଛି । ଏଇ ସେହି ଅନୁଷ୍ଠାନ ଯାହା ଦ୍ୱାରା ମୋ ଜୀବନର ଗତିପଥ ବହୁ ସୁଦୂରର ମୋହ, ଆକାଙ୍‌କ୍ଷା, ଆଶା ଓ ସ୍ୱପ୍ନରେ ଭରିହୋଇ ଯାଇଛି । କେବେ ଭାବିନଥିଲି ଏତେ ସୁନ୍ଦର ପରିବେଶ ଭିତରେ ଜୀବନକୁ ଉପଯୋଗ କରିପାରିବି । ତା'ସହିତ ପୁଣି ଗୋଟିଏ ପରିବାର ପାଇବି । ମୋର ଏହି ଛୋଟ ଅନୁଷ୍ଠାନରେ କାର୍ଯ୍ୟରତ ପ୍ରତ୍ୟେକ ସଦସ୍ୟ ମୋ ପାଇଁ ଜଣେ ଜଣେ ଦିଗ୍‌ଦର୍ଶକ । ଜୀବନର ଚଲାପଥରେ ବାଟ ହୁଡ଼ିଗଲେ ବାଟ ଦେଖାଇବା ସହିତ ସ୍ୱପ୍ନକୁ ହାତ ପାଖରେ ପାଇବାର ମାର୍ଗ ପରିବାର ସଦସ୍ୟମାନେ ଦେଖାଇଥାନ୍ତି । କିଛି ଅନୁଷ୍ଠାନରେ ପାଠ ପଢ଼ି ଆସିଛି ସତ କିନ୍ତୁ ମୋ ଅନୁଷ୍ଠାନର ବାତାବରଣ ନିଆରା । ଯେତେ ଅନୁଷ୍ଠାନରେ ମୁଁ ପାଠ ପଢ଼ିଛି କେଉଁଠି ଆପଣାର ଭାବ ପାଇନି, କିନ୍ତୁ ମୋ ଅନୁଷ୍ଠାନରେ ଆପଣାର ଭାବ କିଭଳି ଉତୁରି ପଡ଼େ ଜାଣିପାରେନି । ମୋ ଅନୁଷ୍ଠାନ ମୋର ପରିଚୟ ଯାହାର ହାତଧରି ମୁଁ ନିଜ ହାତକୁ ଦୃଢ଼ କରିପାରିଛି ।

ମଳା ଓଟର ଶୀର୍ଣ୍ଣ ହାଡ଼ ପଛରେ ଲୁଚି ବସି ଦୁବ ଘାସ ଯେମିତି ଆଖିରୁ ଲୁହ ଝରାଇ ବାହୁନେ ଓ

ଝୁରେ ମରୁଭୂଇଁ ବାଲିକି ପଚାରେ ସମୁଦ୍ର ଠିକଣା ତୁମେ ଜାଣ ? ଏହି ହେଉଛି ସେହି ସମୁଦ୍ର ଯେଉଁଠି ବହୁ ମଣିଷ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଆସନ୍ତି, ଯାହର ବିଶାଳ ବକ୍ଷ ଭିତରେ ଭରି ରହିଛି ଆପଣାର ଭାବ । ସେ ସମୁଦ୍ର ଆଉ କେହି ନୁହେଁ ମୋ ଅନୁଷ୍ଠାନ ।

ମୋ ଅନୁଷ୍ଠାନର ପରିଚୟ ଦେବା ଅବକାଶରେ ମୁଁ ଏତିକି କହିବି ଯେ - ଜ୍ଞାନର ନଈରେ ଗାଧୋଉଥିବା ଜହ୍ନର ନାଁ ସ୍ଥିତିପ୍ରଜ୍ଞା, ଘାସ ଫୁଲ ଉପରେ ବସିଥିବା ସକାଳର ପ୍ରଜାପତିର ନାଁ ସ୍ଥିତିପ୍ରଜ୍ଞା, ଅଜ୍ଞାନର କଳଙ୍କକୁ ଜ୍ଞାନର କଳାଜାଇରେ ପରିଣତ କରିବାକୁ ଯେ ପ୍ରୟାସ କରେ ସେ ହେଉଛି ସ୍ଥିତିପ୍ରଜ୍ଞା, ଯାହାର ପ୍ରାଙ୍ଗଣ ଶିକ୍ଷା ଓ ଶିକ୍ଷକଙ୍କୁ ଆଲିଙ୍ଗନ କରେ ତାହାର ନାଁ ସ୍ଥିତିପ୍ରଜ୍ଞା ।








# ସ୍ମୃତି ଏଇ ଅଳ୍ପଦିନର...



**ସ୍ନେହଲତା ପୃଷ୍ଟି**
ଅଧ୍ୟାପିକା, ଓଡ଼ିଆ ବିଭାଗ

ଆଶ୍ୱିନ ମାସର ମେଘବେଳା ସକାଳ । ଜଣେ ବାନ୍ଧବୀଙ୍କ ସହ ପ୍ରଥମ ପାଦଥାପିଲି ଏଇ ସ୍ଥିତିପ୍ରଜ୍ଞା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ । ଏଇ ବିଦ୍ୟାଳୟକୁ ଲମ୍ବି ଯାଇଥିବା ରାସ୍ତାଟିକୁ ଦେଖି ମୋର ମନ ବହୁତ ଖୁସି ହେଇଯାଇଥିଲା । ଛୋଟିଆ ଗୋଟେ କବି ପ୍ରାଣ ମୋ ଭିତରେ ଚଗଲାମି କରୁଥିଲା ରାସ୍ତାର ଦୁଇକଡ଼େ ଥିବା ବହଳିଆ ଗଛମାନଙ୍କୁ ଦେଖି । ମନେମନେ ଭାବୁଥିଲି କିଛି ଭଲ ଲାଗୁ ନ ଲାଗୁ ଏଇ ରାସ୍ତାର ମନୋରମ ଦୃଶ୍ୟ ମୋ ମନକୁ କିଣି ସାରିଲାଣି । ପ୍ରତିଦିନ ବିଦ୍ୟାଳୟକୁ ଆସିବା ସମୟରେ କମ୍ ସେ କମ୍ ଏଇ ପାହାଡ଼ ତଳେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଟିକକ ତ ଉପଭୋଗ କରିପାରିବି ।

ଗେଟ୍ ଡେଇଁ ଭିତରକୁ ପଶିଲାବେଳେ ବିଦ୍ୟାଳୟ ପରିସରରେ ଥିବା ବିଭିନ୍ନ ପ୍ରକାର ଫୁଲଗଛକୁ ଦେଖି ମୋ ଖୁସି କହିଲେ ନସରେ । ଆଗକୁ ପାଦବଢ଼ାଉ ବଢ଼ାଉ ମୁଁ ପୁରା ଭୁଲି ଯାଇଥିଲି ଯେ, ମୁଁ ଏବେ ପିଲାମାନଙ୍କୁ ପାଠ ପଢ଼ାଇବାକୁ ଆସିଛି । ଅଫିସ ରୁମ୍‌କୁ ପଶୁ ପଶୁ ସେକ୍ରେଟାରୀ ସାର୍‌ଙ୍କ ସହ ଦେଖା । କିଛି ବାର୍ତ୍ତାଳାପ । ତା'ପରେ ବିଦ୍ୟାଳୟର ଭୂଗୋଳକୁ ଦେଖୁ ଦେଖୁ ଖୁସିରେ ମୁଁ ଆତ୍ମହରା ହେଇଯାଇଥିଲି । ପରିସର ବେଶୀ ବଡ଼ ନଥିଲା । ହେଲେ ଛୋଟିଆ ପରିସର ଭିତରେ ବଡ଼ ସ୍ମୃତିଟିଏ ନିଜ ଭିତରେ ସାଇତି ରଖିବାର ଇଚ୍ଛା ପ୍ରବଳ ଉଙ୍କି ମାରୁଥିଲା । ମନ ଭିତରେ ନୂଆ କିଛି କରିବାର ଇଚ୍ଛା ମତେ ପଛରୁ ଠେଲୁଥିଲା । ବିଦ୍ୟାଳୟର ଉପର ମହଲାକୁ ଯାଇ ଯେତେବେଳେ ପାଠାଗାରରେ ଗୋପାଳଚନ୍ଦ୍ର ପ୍ରହରାଜଙ୍କର ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ସାତଖଣ୍ଡକୁ ଦେଖିଲି ସେତେବେଳେ ମୋ ଖୁସିରେ ଡେଣା ଲାଗିଗଲା । ମୋର ସହକର୍ମୀ ଅଧ୍ୟାପକ ବିପ୍ଳବ ରଥଙ୍କ ହାତରେ ସୁସଜ୍ଜିତ ଓ ସେକ୍ରେଟାରୀ ସାର୍‌ଙ୍କର ଅଯାଚିତ ଦାନରେ ସମୃଦ୍ଧ ପାଠାଗାର ମତେ ଆଉ ଏକ ଦୁନିଆକୁ ନେଇଗଲା । ଯେତେସବୁ ଉପାଦେୟ ପୁସ୍ତକ ଆମ ବିଦ୍ୟାଳୟର ଛୋଟିଆ ପାଠାଗାରଟିରେ ସାଇତା ହେଇ ରହିଛି ଏସବୁ ଦେଖି ମନେ ପଡୁଥିଲା ନାରୀ କବି କୁନ୍ତଳାକୁମାରୀ ସାବତଙ୍କର ସେଇ କବିତା...

ବଡ଼ ହୁଏ ଯଦି ପୂର୍ଣ୍ଣଚନ୍ଦ୍ର ପରି
ଆଉ ନ ପାରିବ ବଢ଼ି
ଫୁଟିଲା ଫୁଲକି ଫୁଟେ ଆଉ ଥରେ
ଫୁଟେ ସିନା ଫୁଲ କଢ଼ି

ଛୋଟ ମନରେ ବଡ଼ ଭାବନା, ଛୋଟ ରାତିରେ ବଡ଼ ସ୍ୱପ୍ନ... ଏସବୁ ମଣିଷକୁ ଆଗକୁ ନେବାର ଗୋଟେ ଗୋଟେ ସୁନ୍ଦର ଆଉ ସୁସଜ୍ଜିତ ଇଚ୍ଛା ବା ଆଗ୍ରହ । ମୋ ମନ ଭିତରେ ଥିବା ଆଗ୍ରହକୁ ମୁଁ ଆଉ ରୋକିପାରଲିନି । ଧୀରେ ଧୀରେ ବିଦ୍ୟାଳୟର ଇତିହାସ ଜାଣିବାକୁ ଚେଷ୍ଟା କଲି । ଇତିହାସକୁ ଜାଣିବା ପରେ ମୁଁ ନିଜକୁ ଭାଗ୍ୟଶାଳୀ ମନେ କଲି । ଭଗବାନ କେବଳ ସୁଯୋଗ ଦିଅନ୍ତି, ଆଉ ତାକୁ ସଦୁପଯୋଗ କରିବା ମଣିଷର କାମ । ବିଦ୍ୟାଳୟ ପାଇଁ ଅନେକ କିଛି କରିବାର ସ୍ୱପ୍ନ ଧୀରେ ଧୀରେ ସାକାର ହେବାକୁ ଲାଗିଲା । ପିଲାମାନଙ୍କ ଆଗ୍ରହ ସହିତ ମୋର ସହକର୍ମୀ ଅଧ୍ୟାପକ ଅଧ୍ୟାପିକାମାନଙ୍କର ଶ୍ରଦ୍ଧା ଓ ପ୍ରେରଣା ତା'ସହ ସମସ୍ତଙ୍କ ଇଚ୍ଛାକୁ ଫଳବତୀ କରିବାର ଚେଷ୍ଟା କରୁଥିବା ସମ୍ମାନସ୍ପଦସେକ୍ରେଟାରୀ ସାର୍ ଏବଂ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ଉତ୍ସାହ ମତେ ବେଶୀ ଉତ୍ସାହିତ କଲା ।

ସ୍ମୃତିର ଫୁଲକଢ଼ଟି ଧୀରେ ଧୀରେ ଫୁଟିବାକୁ ଲାଗିଲା । ଏବେ ତା'ର ବାସ୍ନା ଚାରିଆଡ଼େ ମହକିବାକୁ ଯାଉଛି । ବିଦ୍ୟାଳୟକୁ ପଶିଲେ ମାମିନା ହାତର ଚା', ପୋଥାଳ ମଉସାଙ୍କ ହାତରନ୍ଧା ଖାଦ୍ୟ କେବେ କେବେ ଘରକୁ ଫେରିବାକୁ ବି ଡେରି କରିଦିଏ । ସମସ୍ତଙ୍କ ସହ ଏକାଠି ବସି ଖାଇବାବେଳେ ଭୁଲି ହେଇଯାଏ ପରିବାରକୁ । ଯେଉଁଠି କେହି ନିଜର ନୁହଁନ୍ତି ଅଥଚ ଏତେ ନିଜର ଲାଗନ୍ତି ଯେ, ଜାଣି ହୁଏନା ଏହା ଆମ ବିଦ୍ୟାଳୟ ନା ସ୍ନେହଶ୍ରଦ୍ଧାରେ ଆବଦ୍ଧ ଆମ ଘର ।

ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଅଧ୍ୟାପକ ଅଧ୍ୟାପିକାଙ୍କ ପର୍ଯ୍ୟନ୍ତ କାହାର ଯଦି କୌଣସି ଅସୁବିଧା ହୁଏ ତେବେ ତତ୍‌କ୍ଷଣାତ୍ ଦେବଦୂତ ପରି ଉଭା ହୁଅନ୍ତି ରାଜୁ । ସବୁଥିରେ ତାଙ୍କର ସହଯୋଗ ଆମକୁ କେବେ ଅସୁବିଧା ହେବାକୁ ଦେଇନି ଆମ ସମସ୍ତଙ୍କର ବଡ଼ଭାଇ ପରି ସିଏ ।

ବିଦ୍ୟାଳୟର ମୁଖପତ୍ରରେ ଲେଖାଟିଏ ଦେବାର ଖୁସିରେ ମୁଁ ବିଭୋର ଥିଲି, ତା'ସହ ହଠାତ୍ ସଂପାଦନା ଦାୟିତ୍ୱ ମିଳିଲା । ମନେ ହେଉଛି ମୁଁ ଯେମିତି ଏଇ ବିଦ୍ୟାଳୟର ବୁଢ଼ା ବରଗଛ । ହେଲେ ପଛକୁ ଫେରି ଚାହିଁଲେ ଲାଗୁଛି ସ୍ମୃତି ଏଇ ଅଳ୍ପଦିନର...

# ସେ ହସରେ କିଛି ଥିଲା....



**ପ୍ରଦୀପ କୁମାର ପାତ୍ର**
ଅଧ୍ୟାପକ, ସମାଜ ବିଜ୍ଞାନ

ଯେବେ ପ୍ରଥମଥର ତା' ନାଁ ପଚାରିଲି, କହିଲା ମୋନାଲିସା ଆଉ ଫିର୍ କରି ହସି ଦେଇଥିଲା, ସେ ହସରେ କିଛି ଥିଲା... !

ଜୀବନରେ ପ୍ରଥମ ରୋଜଗାର ପଇସାରେ ଗୋଟେ ମୁଦି କିଣି ତାକୁ ଦେଖେଇଲା ବେଳେ ସେ ତା ଅନାମିକା ଆଙ୍ଗୁଠିକୁ ଦେଖେଇଥିଲା । ଆଉ ଫିର୍ କରି ହସିଥିଲା । ସେ ହସରେ କିଛି ଥିଲା... ।

ବାଣୀବିହାର ସରିବା ପରେ ହଷ୍ଟେଲ ଛାଡ଼ିଲା ବେଳେ ତାକୁ ବାଟୋଇ ଦେବାକୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିଲି । ତାକୁ ବସ୍‌ରେ ବସେଇଲା ବେଳେ ସେ ତା' ଆଖିପତାକୁ ବନ୍ଦ କରି ସମ୍ମତି ପ୍ରକାଶ କିଛି କରିଥିଲା ବୋଧେ ଆଉ ଫିର୍ କରି ଅନାମିକା ହସଟେ ହସିଦେଇଥିଲା । ସେ ହସରେ କିଛି ଥିଲା... ।

ହଠାତ୍ ଦିନେ ପୋଷ୍ଟ ପିଅନ ମୋତେ ଗୋଟେ ବଡ଼ କାର୍ଡ଼ ଧରେଇ ଦେଲା । ଖୋଲି ଦେଖିଲି ଲେଖାଥିଲା ଜ୍ୟେଷ୍ଠାକନ୍ୟା ମୋନାଲିସାର ବାହାଘର । ମୁଁ ସେଦିନ ଫିର୍ କରି ହସିଥିଲି । ସେ ହସରେ କିଛି ଥିଲା... ।

ହସ୍ପିଟାଲରେ ମୋ ସ୍ତ୍ରୀ ମୋ ହାତରେ କୁନି ଝିଅଟିକୁ ବଢ଼େଇ ଦେଲା ପରେ ମୁଁ ତାକୁ ଗେଲ କରୁ କରୁ ପଚାରିଲି ତା ନାଁ କ'ଣ ଦେବା । ମୋ ସ୍ତ୍ରୀ ଚଟପଟ୍ କହିଲା ମୋନାଲିସା ଦେବା ଓ ଫିର୍ କରି ହସିଦେଲା । ସେ ହସରେ କିଛି ଥିଲା...... ।

ସବୁଦିନ ସକାଳୁ ମୋ ସ୍ତ୍ରୀ ବେଡ୍ ଉପରେ ମୋତେ ଚା' କପ୍‌ଟି ବଢ଼େଇ ଦେଲା ପରେ ପଚାରେ ଚାହା ଭଲ ହୋଇଛି, ମୁଁ କହେ ତୁମ ହାତରେ ଚାହାର ସ୍ୱାଦଟା ବହୁତ ବଢ଼ିଯାଏ । ଏ ସବୁ ଶୁଣି ମୋ ସ୍ତ୍ରୀ ଫିର୍ କରି ହସିଦିଏ । ଆଉ ସେ ହସ ଦେଖି ମୋତେ ଲାଗେ ସେ ହସରେ କିଛି ଥିଲା... ।







# My experience with books

**Puja Archana Pattnaik**
Librarian

"Writing comes from reading and is the finest teacher how to write".

Just imagine a time when you will be not surrounded by any technologies for your entertainment or as resource aid like TV , mobile, tabs, computer or laptop. How would you like to spend such time or to do your time pass ? But according to me there is something which had been there from our long past till now being enrolling itself with the changing time and will resume it's importance in future too. Whatever the acknowledgement we have got about our past history or about the past world, all those had been preserved by our ancestors through various records. Those information not only gives us a detail idea about them but also has helped us to enhance our knowledge in the form of 'books'.

"No man can be called friendless who has God and companionship of good books".

Yes, the above statement is really true. As we may not have always good friends or companion in our lives but every time there's someone who always stay with us being invisible as just like those good books whose knowledge gives us enlightenment to admire our life with great enthusiasm.

" Library is like a paradise for the knowledge lovers"

Nothing can be much pleasurable than exploring a 'library'. As one can find a vast gallery of knowledge at one place

without being bothered to search for any details or information from anywhere else. Library is said to be the store house of knowledge. It consists of books and resources of multiple geners and subjects. Library works as an important platform for keeping the reading habits in individuals and also beneficial in nation building for the researchers and in developing job skills.

Such library is in our "Sthithiprajna" Higher Secondary School".It has a vast outlet of information resources having nearly 1500 books of various subjects, geners, magazines, journals, memoirs, language and some handful of unique old collections and many more. Our school library has served as an important platform for it's students and as well as teachers by providing all kinds of aid within a hand's reach for the better performance in studies and by improving every individuals talent for acquiring knowledge.

Our school library has always tried to focus to improve the collection of books and resource essentials for better reference, learning and knowledge. It has always tried to provide study materials according to their related fields for encouraging students to read and to enrich their learning experience. And also it has inspired students for independent learning and to explore their interests.

The main objective of our school library is to ensure equitable access to books, resources and information to all the members for their better development in every sphere of life.

"Library is a such temple where one can achieve true knowledge in the form of God."



# My College



**Bandita Mishra**
*Demo-in-Home Science*

Sthitiprajna higher secondary school is one of the leading educational institution of Bhubaneswar. The highly qualified teachers and guides render the supervision of our Secretary Aptakama Mishra have been thriving in the route of success. The suitable location and environment of the college has clinched everyone eye's towards it. From the very first day since the establishment, back in the year 2009 the whole family of Sthitiprajna College have put their full hearted dedication to achieve the set goal. The student have been perfuming well and coming out with flying colours. With the trained faculties and a highly ambitious management our college is fully sworn to impart quality education to all. Our college not only focuses on academic but also in many extra curricular activities. With our motto, "all set for the future, Sthitiprajna College is in the process of moulding the future of next generation." With the premise of quality education we also make our students participate in many social activities through NSS. We always try to nurture our students in the way to make them as an ethical and responsible citizen. Our future is playing it's trade now and we all must come forward to help them to reach their destination. Sthitiprajna college is fully committed for a bright and better future of its society there by contributing to the nation's building process. ❈❈❈





# Where there is love there is life



**Swagatika Das**
*Lecturer in English*

A woman out of her home and saw three men in her front yard. She wouldn't recognize them. She said, "I don't think I know you, but you must be hungry. Please, come in and have something to eat."

"Is the man of the house at home ?" they asked

"No", she said. "He is out".

"Then we can't go in", they replied

In the evening when her husband came home she told him what happened. "Go call then I am home and invited them in',he said . The woman went out and invited the men in.

"We don't go into a house together", they replied.

"Why is that ?" She wanted to know.

One of them explained. "He is name is wealth," he said pointing to one of his friends and said pointing to another one, "he is success, and I am love." Then he added, "now go in and discuss with your husband which one of us you want in your home."

The woman went in and told her husband what was said. Her husband was overjoyed "How nice !", he said. "Since that is the case let us invite wealth. Let him come in and fill our home with wealth !" His wife disagreed. "My dear why don't we invite success ?" Their little daughter was listening from the other corner of the house. She jumped in with her own suggestion. "Would it not be better to invite love ?" Our home will then be filled with love ! "Let us heed our daughter's advice", said the husband to his wife. "Go out and invite love to be our guest." The woman

went out and asked three old men, "Which one of you is love ? Please, come in and be our guest."

Love got up and started walking towards the house. The other two also got up and followed him. Surprised, the lady asked wealth and success. "I only invited love, why are you coming in ?"

The old man replied together. "If you had invited wealth on success, the other two of us would have stayed out, but since you invited love, wherever he goes, we go with him. Wherever there is love, there is also wealth and success !"

So, WHERE THERE IS LOVE THERE IS LIFE.







# BRAIN COMPUTER INTERFACE



**Gunanidhi Sahoo**
*Lecturer in I.T.*

The ability to control a computer using only the power of the mind is closer than one might think. Brain - computer interfaces, where computer can read and interpret signal directly from the brain, have already achieved clinical success in allowing quadriplegics, those suffering "lock - in syndrome" or people who have had a stroke to move their own wheelchairs or even drink coffee from a cup by controlling the action of a robotic arm with their brain waves. In addition, direct brain implants have helped restore partial vision to people who have lost their sight.

Recent research has focused on the possibility of using brain - computer interfaces to convert different brains together directly researchers at Duke University last year reported successfully connecting the brains of two mice over the internet where mice in different countries were able to cooperate to perform simple task to generate a reward .Also in 2013. Scientists at Harvard University reported that they were able to establish a functional link between the brain of a rat and a human with a non - invasive, computer-to-brain interface.

In humans, the ability to directly manipulate memories might have an application in the treatment of post-traumatic stress disorder, while in the longer term, information may be uploaded into human brains in the manner of a computer file. Of course, numerous ethical issues are also clearly raised by this rapidly advancing field.

# LIBERALISM



**Smiti Sudha Das**
*Lecturer in Political Science*

Liberalism is a political philosophy or world view founded on ideas of liberty and equality. Whereas classical liberalism emphasises the role of liberty, social liberalism stresses the importance of equality. Liberals espouse a wide array of views depending on their understanding of these principles, but generally they support ideas and programs such as freedom of speech, freedom of the press, freedom of religion, free markets, civil rights, democratic societies, secular governments, gender equality and international cooperation. Liberalism first became a distinct political movement during the Age of Enlightenment, when it became popular among philosophers and economists in the Western world. Liberalism rejected the prevailing social and political norms of hereditary privilege, state religion, absolute monarchy and the Divine Right of Kings. The $17^{th}$ century philosopher John Locke is often credited with founding liberalism as a distinct philosophical tradition. Locke argued that each man has a natural right to life, liberty and property, while adding that governments must not violate these rights based on the social contract. Liberals opposed traditional conservatism and sought to replace absolutism in government with representative democracy and the rule of law. Prominent revolutionaries in the Glorious Revolution, the American Revolution and the French Revolution used liberal philosophy to justify the armed overthrow of what they saw as tyrannical rule. Liberalism started to spread rapidly especially after the French Revolution. The 19th century saw liberal governments established in nations across Europe, South America, and North America. In this period, the dominant ideological opponent of classical liberalism was conservatism, but liberalism later survived major ideological challenges from new opponents, such as fascism and communism. During the 20th century, liberal ideas spread even further as liberal democracies found themselves on the winning side in both world wars. In Europe and North America, the establishment of social liberalism became a key component in the expansion of the welfare state. Today, liberal parties continue to wield power and influence throughout the world.

# ଆମ ସ୍ମୃତି


N.S.S PROGRAMME
(JR) COLLEGE
N.S.S
PROGRAMME
THARGADIA, BHUBANESWAR


Basant ku Bihari
Principal








CHEMISTRY
LAB

# ଆମ ସ୍ମୃତି















# ଆମ୍ଭ ସ୍ମୃତି


Swami Vivekananda


S UNITS
हिंदी दिवस
2019
STHITIPRAJNA
H.S.SCHOOL









# ଆମ ସ୍ମୃତି













# ବିଦ୍ୟାର୍ଥୀଙ୍କ କଲମରୁ



# ମୋ କଲେଜ

ପ୍ରିୟଦର୍ଶିନୀ ସେନାପତି
+୨ ଦ୍ୱିତୀୟ ବର୍ଷ, କଳା



କଲେଜ ଭିତରେ ଅଟେ ସେ ସାର
'ସ୍ଥିତିପ୍ରଜ୍ଞା' ଅଟେ ନାମ ତାହାର
ସେହି କଲେଜର ଛାତ୍ରୀ ମୁହିଁ
ଗର୍ବରେ କହିବି ମୋ କଲେଜ ସେହି ।
ସବୁଜ ସୁନ୍ଦର ଚର୍ତୁପାର୍ଶ୍ୱ ତା'ର
ଅଧ୍ୟାପକମାନେ ଅତି ଆପଣାର
ସପ୍ତାହରେ ଥରେ NSS କ୍ୟାମ୍ପ୍
ତାହାର ଅଧ୍ୟକ୍ଷ ପ୍ରିୟଙ୍କା ମ୍ୟାମ୍ ।
ଭାରି ଭିଡ଼ ଅଟେ କଲେଜ ବାହାର
(କଳା, ବିଜ୍ଞାନ) ଯେ ବିଷୟ ତାର
ଭାରି ସ୍ନେହିଁ ଆମ ଓଡ଼ିଆ ସାର୍
ତା'ପରେ ଅଛନ୍ତି ସାହିତ୍ୟ ମ୍ୟାମ୍ ।
କି ଗୁଣ ଗାଇବି ଆମ ଇତିହାସ ସାର୍‌ଙ୍କର
ଭାରି ସାଧାସିଧା କଥା ତାଙ୍କର ।
ସାହାର୍ଯ୍ୟକାରୀ ଯେ ବନ୍ଦିତା ମ୍ୟାମ୍
ମନ ଲଗାଇ ସେ କରନ୍ତି କାମ
Home Science ମ୍ୟାମ୍ ଭାରୀ ସରଳ
ଶିକ୍ଷା ଅଧ୍ୟାପିକାଙ୍କ ମନ କେତେ ବିଶାଳ ।
ଏହି ଯେ ଆମରି କଲେଚ କଥା
ନୁଆଁଇ ଦେବି ମୁଁ ତା ଆଗେ ମଥା
ନିରିହ ଅଟନ୍ତି ମୋ ସାଙ୍ଗ ସାଥୀ
ତାଙ୍କୁ ଯେ ଭୁଲି ହବ କେମିତି ।
ନସରୁ କେବେ ଏ କଲେଜ ଦିନ
ମନେ ରହିଯାଉ ସାରା ଜୀବନ
କଲେଜ କଥା ଯେ ହୋଇଲା ଶେଷ
ନ ଧରିବେ କେହି ମୋର ଦୋଷ ।

ତିଳୋତ୍ତମା ମହଲ
+୨ ଦ୍ୱିତୀୟ ବର୍ଷ, କଳା

# ଶିକ୍ଷକ ମୁଁ ହେବି




ମଣିଷ ଜୀବନ ଭିନ୍ନ ଯେ ଏକ
ଜୀବନରେ ତା'ର ଲକ୍ଷ୍ୟ ଅନେକ
ଲକ୍ଷ୍ୟ ଯୁକ୍ତ ସେହି ଜୀବନ ତରୀ
ଅଥଳ ସମୁଦ୍ର କରିବ ପାରି ।
ଲକ୍ଷ୍ୟ କେ ରଖିଲା ଡାକ୍ତର ହେବ
ରୋଗୀ ସେବା କରି ପଇସା ନେବ ।
ଗାଡ଼ିଘୋଡ଼ା ଚଢ଼ି ବଡ଼ ମୁଁ ହେବି
ପରିବାର ଦୁଃଖ ଦୂରେଇ ଦେବି ।
ଶିକ୍ଷକଙ୍କ ଦୁଃଖ କିଏ ବୁଝିବ ?
ତାଙ୍କ ମୁହେଁ କିଏ ହସ ଭରିବ ?
ପରିବାର ଲୋକେ ଭୋକରେ ଥାଇ
ଶିଶୁଙ୍କୁ ଶିକ୍ଷିତ କରିବେ ଯାଇ
ସଂସାର ଯାକର ଦାୟିତ୍ୱ ନେବ
ସୁନାଗରିକ ଦେଶକୁ ଦେବ
ଉତ୍ତମ ସମାଜ ଗଢ଼ି ତୋଳିବ
ସାମାଜିକ ପ୍ରାଣୀ ସୃଷ୍ଟି କରିବ
ଦାୟିତ୍ୱ କର୍ତ୍ତବ୍ୟ ପରିପୂରକ
ଉଭୟର ସିଏ ଅଟେ ନାଉରୀ
କୂଳରେ ଲଗାଏ ମଙ୍ଗକୁ ଧରି ।
ଶିଶୁ-ପିତା-ମାତାର ସଂଯୋଜକ
ଅନନ୍ୟ ଦାୟିତ୍ୱର ସେ ବାହାକ
ଦେଶ ଭକ୍ତ ବୀର ତିଆରି କରି
ସଂସାରରେ କେହି ନାହିଁ ତା ପରି ।
ବଡ଼ ହେଲେ ମୁହିଁ ଶିକ୍ଷକ ହେବି
ଶିକ୍ଷକ ସମାଜ ଗଢ଼ି ତୋଳିବି
ଗୁରୁଙ୍କୁ ଆଦର୍ଶ ହୃଦୟେ ବହି
ଗୁରୁଙ୍କ ଅମାନ୍ୟ ନ କର କେହି ।

ରାଜେଶ ନାୟକ
+୨ ଦ୍ୱିତୀୟ ବର୍ଷ, କଳା

# କହିଲି ମୁଁ ମନକଥା

ମ୍ୟାଗାଜିନ୍ ପାଇଁ ଲେଖାଟିଏ ସିନା
ଲେଖିବାରେ ଦେଲି ମନ
କାଗଜ କଲମ ଧରି ମୁଁ ବସିଲି
କିନ୍ତୁ କାହିଁ ମୋର ଜ୍ଞାନ ।୧ ।
ସାଙ୍ଗସାଥୀମାନେ ଲେଖାତ ଦେଲେଣି
ଆଉ ବା କାହିଁ ସମୟ
ଗଳ୍ପ ଲେଖିବି କି କବିତା ଲେଖିବି
ମନରେ ଆଣେ ସଂଚୟ ।୨ ।
ଏବେ ସାଙ୍ଗ ସାଥୀ କହିଲେଣି ମତେ
ଆଉ ବେଶିଦିନ ନାହିଁ
ତଥାପି ମନରେ ଭାବୁଛି ମୁଁ ବସି
ଲେଖାଟିଏ ଦେବା ପାଇଁ ।୩ ।
ପେଜ୍ ଲେଉଟାଇ ପୁରୁଣା ପତ୍ରିକା
କବିତା ଗୋଟିଏ ଦେଖି
କାଗଜ କଲମେ ତାହାକୁ ମୋ ନାମେ
ଚଞ୍ଚଳ ଗଲି ମୁଁ ଲେଖି ।୪ ।
ଏହି ସମୟରେ ବିବେକ ମୋହର
ପଛରୁ ଧରିଲା ଟାଣି
ମଧୁର ଭାବରେ ବୁଝାଇ କହିଲା
କେତେଯେ ମହତ ବାଣୀ ।୫ ।
ନକଲ କରିବା ନୁହେଁ ଭଲ କଥା
ନିଜେ ଲେଖ ମନ ଦେଇ
ମାଗାଜିନ ପରା ଛପା ହେଉଅଛି
ବୃଦ୍ଧି ବଢ଼ାଇବା ପାଇଁ ।୬ ।
ଏଣୁ ମନରୁ ମୁଁ କାଢ଼ି ନେଇଗଲି
ନକଲ କରିବା ଚିନ୍ତା
ନିଜ ମନରୁ ମୁଁ ଲେଖିଛି କବିତା
କହିଲି ମୁଁ ସତକଥା ।୭ ।



# ଜୀବନର ଅମାନତା

ସଞ୍ଜୀବି ନନ୍ଦୀ
+୨ ଦ୍ୱିତୀୟ ବର୍ଷ, କଳା

ଜୀବନର ଚୌହଦୀକୁ
ପାର କରିବା ଥିଲା
ତା'ର କେବଳ ଆବିଳତା
ଶୈଶବ ଓ କୈଶୋରକୁ
ମନେ ପକାଇବା ଥିଲା
ତା'ର କେବଳ ଆତୁରତା ।
ଜୀବନ ଯୌବନ ସୋପାନକୁ
ମୌଜ କରିବାଟା ଥିଲା
ତା'ର କେବଳ ପ୍ରଗଲ୍‌ଭତା
ସେହି ପାଗଲାମି ଦୁନିଆଁକୁ
କିଛି ନ କହିବା ଥିଲା
ତା'ର କେବଳ ଚଞ୍ଚଳତା ।
ଯୌବନର ଶେଷ ସରହଦ୍‌କୁ
ମନେ ପକେଇବା ଥିଲା
ତା'ର କେବଳ ଅତି ବ୍ୟସ୍ତତା
ବାର୍ଦ୍ଧକ୍ୟର ଆରମ୍ଭକୁ
ଆପଣେଇବାଟା ଥିଲା ।



# Little Things

**Sahoo Susri Mamnash**
+2 2nd Yr. (Science)

Little drops of water
makes a beautiful ocean.
Little grains of sand
makes a large desert.
Little number of plants
makes a green forest.
Little inspiration of a friend
makes a life good.
Little piece of thoughts
makes a cute creation.
Little spending of times
makes some sweet memories.
Little portion of advice
makes someone successful.
Don't be mischievous
toward little things
As little things are the
discoverers of all great things.



# Why God Created Teacher

**Akhila Behera**
+2 2nd Yr. (Science)

When god created teachers,
He gave us special friends,
To help us understand his world
And truly comprehend
The beauty and the wonder
of everything we see.
And become a better person
with each discovery.
When god created teachers
He gave us special guides;
To show us ways
that we can all decide
What's right instead of wrong,
To lead us to that we can read
And learn how to be strong.
Why god created teachers ?
In this wisdom and his grace
was to help us learn,
To make our world
A better, wiser place.



# If you want to...

**Manoj Kumar Parmer**
+2 2nd Yr. (Science)

*If you want to admire,*
*Admire god's creation.*
*If you want to kill,*
*Kill your pride.*
*If you want to give,*
*Give justice to everyone.*
*If you want to win,*
*Win the hearts of others.*
*If you want to enjoy*
*Enjoy the moments of life.*
*If you want to think,*
*Think about the good of mankind.*
*If you want to control,*
*Control your desires.*
*If you want to praise,*
*Praise, the Almighty.*



# POWERFULL SHORT QUOTES ABOUT LIFE

**Sumani Majhi**
+2 2nd Yr. (Science)

Love for All, Hatred for none.
Change the world by being yourself.
Every moment is a fresh beginning.
Never regret anything that made you smile.
Die with memories, not dreams.
Aspire to inspire, not expire.
Everything you can imagine is real.
Whatever you do, do it well.
What we think. We become.
Problems are not stop signs, they are guidelines.
If you tell the truth you don't have to remember anything.
Be so good they can't ignore you.
Yesterday you said tomorrow. Just do it.
Reality is wrong, dreams are for real.
Try to be a rainbow in someone's cloud.
There is no substitute for hard work.
Strive for greatness.
And still, I rise.
Happiness depends upon ourselves.
It hurt because it mattered.
Turn your wounds into wisdom.



**Payal Rout**
+2 2nd Yr. (Science)

# Value of Time

To realize the value of one Year,
Ask a student who failed in his exam.
To realize the value of one. Month
Ask a mother who has given birth,to a prematured baby.
To realize the value of One-week,
Ask an editor of a Weekly.
To realize the value of One-day,
Ask a daily wage Labour.
To realize the value of One-minute,
Ask a person who has missed the Train.
To realize the value of an Second,
Ask a person has survived in an Accident.
To realize the value of Mili-second,
Ask a person who has silver medal in Olympics.



**Tilottama Mahal**
+2 2nd Yr. (Arts)

# Meaning of Teacher

T – Truth
E – Etiquette
A – Attitude
C – Character
H – Healthy mind
E – Education
R – Right behavior
Oh ! my... teacher,
You make my future
You are my preacher
For me you are the holy scripture
I thank you for everything
When I am sad you make me sing
You tell me when I am
Wrong is right
you teach me that
Knowledge is might
Dear teacher you give me a life
The golden life.
I shall remember you forever
Today, Tomorrow is hear after.



**Payal Rout**
+2 2nd Yr. (Science)

# Friendship

What is friendship ?
It is like mathematics,
Friends to add
Enemies to subtract,
Love to multiply,
Hatred to divide...
It is like a cheap vase,
Handle with care,
Once broken can never,
Be repaired.



Learning use creativity
Creativity Leads to Thinking
Thinking Provides Knowledge
Knowledge makes you Great.

*Sonali Kar*
+2 2nd Yr. (Science)

# ଆମ ସ୍ମୃତି




National
SWAMI VIVEKANA
YOU
CONFERE




CONSTITUTION DAY
Essay & Debate
Competition



# ଆମ ସ୍ମୃତି











# ଆମ ସ୍ମୃତି




SWACHHTA SAPATH (Odia)
ORGANIZED BY
N.S.S WINGS
BHUBANESWAR


Basant Ku Bihari
Principal


Swami Vivekananda





# ଆମ ସ୍ମୃତି















# ବିଦ୍ୟାର୍ଥୀଙ୍କ ଚିତ୍ରଶାଳା













